# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ଦ୍ୱାଦଶ ବର୍ଷ | ତୃତୀୟ ସଂଖ୍ୟା | ଜୁଲାଇ ୨୦୧୫



**ଉପଦେଷ୍ଟା ମଣ୍ଡଳୀ**

ଗଜେନ୍ଦ୍ର ନାଥ ମହାନ୍ତି
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
କୃଷ୍ଣଚନ୍ଦ୍ର ବେହେରା

**ସମ୍ପାଦନା ମଣ୍ଡଳୀ**

ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସତ୍ୟବ୍ରତ ପଟ୍ଟନାୟକ
ମାନସ ରଞ୍ଜନ ପଟ୍ଟନାୟକ
ରଞ୍ଜିତ୍ ରାଉତ୍

**ସଂପାଦକ**

ସନ୍ତୋଷ କୁମାର ମହାପାତ୍ର

**ସହ ସଂପାଦକ**

ଅଭୟ କୁମାର ଦାସ

**ପରିଚାଳକ**

ଧନେଶ୍ୱର ନାୟକ

**ସହକାରୀ ପରିଚାଳକ**

ପ୍ରଭାତ କୁମାର ବେହେରା



ଯୋଗାଯୋଗ
ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


**ଏହି ସଂଖ୍ୟାରେ...**


- ମଜୁରୀ ବୃଦ୍ଧି
- ଚାହା ବିକାଳୀର...
- ଚମତ୍କାର ସାଫଲ୍ୟ
- ନିଖିଳ ଭାରତ ବୀମା...
- ଗପ ନୁହେଁ ସତ
- ଜନଗଣଙ୍କ ସେବାରେ..
- ଭାଷଣ-ଭ୍ରମଣ-ଭ୍ରମର
- ଲୋକମାନେ ସଚେତନ
- ଜାତି ଜନଗଣନା-୧୧
- ସେପ୍ଟେମ୍ବର-୨ ସାଧାରଣ


*ସଂପାଦକୀୟ........................*

# ମଜୁରୀ ବୃଦ୍ଧି

ରାଷ୍ଟ୍ରାୟତ୍ତ ବୀମାଶିଳ୍ପର ମଜୁରୀ ବୃଦ୍ଧି ଦୀର୍ଘ ୩ ବର୍ଷ ଧରି ଅସମାହିତ ହୋଇ ପଡ଼ିରହିଛି । ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ତଥା ରାଷ୍ଟ୍ରାୟତ୍ତ ଶିଳ୍ପ ବିରୋଧୀ ଚରିତ୍ର ଏହାର ପ୍ରମୁଖ କାରଣ । ମୋଦି ସରକାର ବାରମ୍ବାର କହି ଆସୁଛନ୍ତି ଯେ ତାଙ୍କ ସରକାର ରାଷ୍ଟ୍ରାୟତ୍ତ ଶିଳ୍ପକୁ ପରିଚାଳନା କ୍ଷେତ୍ରରେ ସିଦ୍ଧାନ୍ତ ନେବାରେ ପୂର୍ଣ୍ଣ ସ୍ୱାଧିନତା ଦେବେ, କିନ୍ତୁ ବାସ୍ତବରେ ଏହା କେବଳ କଥାରେ ସୀମିତ । ସରକାର ରାଷ୍ଟ୍ରାୟତ୍ତ ଶିଳ୍ପର ଦୈନନ୍ଦିନ ଛୋଟ ମୋଟ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି । ଏପରିକି ରିଜର୍ଭ ବ୍ୟାଙ୍କର କାର୍ଯ୍ୟକଳାପରେ ମଧ ହସ୍ତକ୍ଷେପ କରିବାକୁ ପଛାଉନାହାଁନ୍ତି ।

ମଜୁରୀ ବା wages are the price that workers receive for their labour. The wage rate is the price per unit of labour. ଏଣୁ ଶ୍ରମିକ ମଜୁରୀ ବୃଦ୍ଧି ଦାବି କରିବାର ପ୍ରମୂଖ କାରଣ ହେଉଛି ତା'ର ଶ୍ରମବଳରେ ସୃଷ୍ଟି ହୋଉଥିବା ସମ୍ପଦ ଉପରେ କିୟଦଂଶ ଅଧିକାର ସାବ୍ୟସ୍ତ କରିବା । ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରାୟତ୍ତ ବୀମା କର୍ମଚାରୀଙ୍କ ଅବଦାନକୁ ଯଦି ଦେଖାଯାଏ ମୁଣ୍ଡ ପିଛା ପଲିସି ସେବା, ଉତ୍ପାଦିକତା, ସଂରକ୍ଷଣ ଅନୁପାତ, ଉଦ୍‌ବୃତ୍ତରୁ ସରକାରଙ୍କୁ ଲାଭାଂଶ ପ୍ରଦାନ, ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ କୋଟି କୋଟି ଟଙ୍କା ବିନିଯୋଗ, ବଜାର ଅଂଶଧନ, ପ୍ରିମିୟମ୍ ଆୟ, ଦାବି ସମାଧାନ ଓ ସର୍ବୋପରି ସମ୍ପଦ ସୃଷ୍ଟିରେ ଭାରତର ରାଷ୍ଟ୍ରାୟତ୍ତ ବୀମା ଶିଳ୍ପ ବିଶ୍ୱରେ ଅଦ୍ୱିତୀୟ । କିନ୍ତୁ ଯେଉଁ ଶ୍ରମ ବଳରେ ଏ ସବୁ ସମ୍ଭବ ହେଉଛି ସେ ଶ୍ରମିକ ଆଜି ଉପେକ୍ଷିତ । ଏହାର ଜ୍ୱଳନ୍ତ ପ୍ରମାଣ ହେଉଛି ଭାରତ ବର୍ଷର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ ବିଶ୍ୱର ପ୍ରତ୍ୟକ ବୀମା କମ୍ପାନୀ ତୁଳନାରେ ସମୁଦାୟ ପ୍ରିମିୟମ୍ ଆୟ ଅନୁପାତରେ ମଜୁରୀ ବାବଦକୁ ସବୁଠୁ କମ୍ ଖର୍ଚ୍ଚ କରିଥାଏ ।

ଏକ ଶିଳ୍ପ ବା ଅନୁଷ୍ଠାନର ବିକାଶ ଅନେକଗୁଡ଼ିଏ କାରଣ ଉପରେ ନିର୍ଭର କରେ । ସେଥି ମଧ୍ୟରେ ରହିଛି କାର୍ଯ୍ୟ କରିବାର ପରିବେଶ, କର୍ମଚାରୀମାନଙ୍କର ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠା, ତାଙ୍କର ଉତ୍ପାଦିକତା, ବଜାରର ସ୍ଥିତି ଏବଂ ବଜାରରେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଚାହିଦା, ଜାତୀୟ ଓ ଆନ୍ତର୍ଜାତୀୟ ପରିସ୍ଥିତି ସରକାରଙ୍କ ନୀତି ତଥା ପରିଚାଳନା କର୍ତ୍ତୃପକ୍ଷଙ୍କ ଠିକ୍ ସିଦ୍ଧାନ୍ତ ଇତ୍ୟାଦି । କିନ୍ତୁ କର୍ମଚାରୀମାନଙ୍କର ଉତ୍ପାଦିକତା (Productivity) ମଧ କର୍ମଚାରୀମାନଙ୍କର ମଜୁରୀ ବା ଦରମା ଉପରେ ନିର୍ଭରକରେ । କାରଣ ଦରମା ହିଁ ତା'ର ନିଜ ତଥା ପରିବାରର ବଞ୍ଚିବାର ଉତ୍ସ । ଜଣେ ଯଦି ଭଲରେ ନରହେ ତେବେ ସେ ଚାହିଁଲେବି କାର୍ଯ୍ୟ କରୁଥିବା ସଂସ୍ଥାପ୍ରତି ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗୀକୃତ ହେବା କଷ୍ଟକର ହୋଇଥାଏ । ଏଣୁ ବର୍ତ୍ତମାନର ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟ ଅହେତୁକ ବ୍ୟୟସାପେକ୍ଷ ହେବାକୁ ବିଚାରକୁ ନେଲେ ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର କର୍ମଚାରୀମାନଙ୍କ ମଜୁରୀବୃଦ୍ଧି ଅତ୍ୟନ୍ତ ଅପରିହାର୍ଯ୍ୟ । କେବଳ ସେତିକି ନୁହେଁ ଏକଦା ରାଷ୍ଟ୍ରାୟତ୍ତ ବୀମାଶିଳ୍ପର କର୍ମଚାରୀଙ୍କୁ ସର୍ବାଧିକ ବେତନ ପାଉଥିବା କର୍ମଚାରୀ କୁହାଯାଉଥିଲା, କିନ୍ତୁ ବର୍ତ୍ତମାନ ଅନେକ ସଂସ୍ଥା ତୁଳନାରେ ରାଷ୍ଟ୍ରାୟତ୍ତ ବୀମାର ଶିଳ୍ପର କର୍ମଚାରୀ କମ୍ ଦରମା ପାଉଛନ୍ତି । ବର୍ତ୍ତମାନ କିଛି ଘରୋଇ କମ୍ପାନୀରେ ନୂତନ ଭାବେ ନିଯୁକ୍ତି ପାଉଥିବା ବ୍ୟକ୍ତିଙ୍କର ପ୍ରଥମ ଦରମା ରାଷ୍ଟ୍ରାୟତ୍ତ ବୀମାଶିଳ୍ପରୁ ଅବସର ନେଉଥିବା କର୍ମଚାରୀର ଶେଷ ଦରମା ସହିତ ମଧ ସମାନ । ଏପରି ବୈଷମ୍ୟ ପରିବେଶରେ ସରକାର ରାଷ୍ଟ୍ରାୟତ୍ତ ବୀମା କର୍ମଚାରୀଙ୍କ ସନ୍ତୋଷ ଜନକ ଦରମା ବୃଦ୍ଧି ନ କରିବା ଅତ୍ୟନ୍ତ ଅଯୌକ୍ତିକ । ନିଜେ ସାଂସଦ, ବିଧାୟକ ସେମାନଙ୍କର ଦରମା-ଭତ୍ତା ବୃଦ୍ଧି କଲାବେଳେ କର୍ମଚାରୀମାନଙ୍କ ସ୍ୱାର୍ଥକୁ ହେୟଜ୍ଞାନ କରିବା ଅସମୀଚିନ ।

ଯଦି ବିଭିନ୍ନ କର୍ପୋରେଟ୍ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ଦରମାକୁ ରାଷ୍ଟ୍ରାୟତ୍ତ ଶିଳ୍ପର ମୁଖ୍ୟଙ୍କ ଦରମା ସହିତ ତୁଳନା କରାଯାଏ ତେବେ ରାଷ୍ଟ୍ରାୟତ୍ତ ଶିଳ୍ପର ମୁଖ୍ୟମାନେ ମଧ ବହୁତ ପଛରେ ଅଛନ୍ତି । ଉଦାହରଣ ସ୍ୱରୂପ ଜିନ୍ଦଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନଭୀନ୍ ଜିନ୍ଦଲଙ୍କ ବାର୍ଷିକ ଦରମା ୬୯.୭ କୋଟି ହୋଇଥିଲା ବେଳେ ଭାରତ ଏଣ୍ଟରପ୍ରାଇଜର ସୁନୀଲ ମିତ୍ତଲ (୨୧ କୋଟି), ହିରୋ ମୋଟର କର୍ପୋରେସନ୍ ଡାଇରେକ୍ଟର ବ୍ରିଜ୍‌ମୋହନ ଲାଲ ମୁଜିଲ୍ (୨୬.୭୫ କୋଟି), ମୁକେଶ ଅମ୍ବାନୀ (୧୫ କୋଟି) କେ. ଏମ୍. ବିରଲା (୧୩.୬ କୋଟି), କଲାନିଧି ମରାନ ଓ ତାଙ୍କ ସ୍ତ୍ରୀଙ୍କ ଦରମା ୫୯.୮୯ କୋଟି ଟଙ୍କା ଅଟେ ।

କୌଣସି ମଜୁରୀ ବୃଦ୍ଧି ଦ୍ୱାରା କେବଳ ସେହି କର୍ମଚାରୀ ବା ଶିଳ୍ପର ଉନ୍ନତି ହୁଏନା, ବରଂ ଅର୍ଥନୀତିର ମଧ ଉନ୍ନତି ଘଟେ । ଅଧିକ ମଜୁରୀ ଅର୍ଥ ଅଧିକ ଆୟ । ଅଧିକ ଆୟ ଅର୍ଥ ଅଧିକ ବ୍ୟୟ ଓ ଅଧିକ ସଞ୍ଚୟ । ଅଧିକ ମଜୁରୀ ବ୍ୟୟ ଅର୍ଥ ବିଭିନ୍ନ ଦ୍ରବ୍ୟର ଅଧିକ ଚାହିଦା (Demand) । ଅଧିକ ଚାହିଦା ଯୋଗୁ ଅର୍ଥନୀତି ଚଳଚଞ୍ଚଳ ହୋଇଥାଏ ଏବଂ ଆର୍ଥିକ ଅଭିବୃଦ୍ଧି ଘଟିଥାଏ । ମଜୁରୀ ବୃଦ୍ଧି ସପକ୍ଷରେ ଫେଡେରାଲ୍ ରିଜର୍ଭ ଅଫ୍ ଚିକାଗୋର ଅର୍ଥନୀତିଜ୍ଞ ଡାନିଏଲ୍ ଆରୋସନ୍ ଏରିକ୍ ଫ୍ରେଞ୍ଚ କହିଛନ୍ତି ଏବଂ ଏଫ୍.ଏ. ହାର୍ପର ତାଙ୍କ ପୁସ୍ତକ ‘‘Why Wages Rise’’ ରେ ବର୍ଣ୍ଣନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ଉନ୍ନତ ମଜୁରୀ ଆଦାୟ ପାଇଁ ସବୁଶ୍ରେଣୀର ସଙ୍ଗଠନକୁ ନେଇ ଗଠନ କରାଯାଇଥିବା ମିଳିତ ମଞ୍ଚ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କେବଳ ଐକ୍ୟ ବଦ୍ଧ ଆନ୍ଦୋଳନ ଦ୍ୱାରା ସରକାରଙ୍କ କୁଣ୍ଠିତ ହସ୍ତରୁ ସନ୍ତୋଷ ଜନକ ତଥା ନିଃସର୍ତ୍ତ ମଜୁରୀ ବୃଦ୍ଧି ହାସଲ କରିହେବ ।

ଆମେ କେବଳ ଆମର ମଜୁରୀ ବୃଦ୍ଧି କଥା କହୁନାହୁଁ, ଗରିବ, ସାଧାରଣ ଜନତା, ଚାଷୀ, ମୂଲିଆ ସମସ୍ତଙ୍କ ବିକାଶ କଥା କହୁଛୁ । ଏଥିପାଇଁ ସରକାର ଧନୀକ ଶ୍ରେଣୀ, ପୁଞ୍ଜିପତି, ବଡ଼ ବଡ଼ କମ୍ପାନୀଙ୍କ ଉପରୁ ଅଧିକ ହାରରେ ଟିକସ୍ ଆଦାୟ କରି ବିଭିନ୍ନ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହଯୋଗାଣ ଆଦି ସାମାଜିକ କ୍ଷେତ୍ର ତଥା ବିଭିନ୍ନ ଜନହିତକର ଯୋଜନାରେ ବ୍ୟୟ ବୃଦ୍ଧି କରିବା ଉଚିତ୍ । କିନ୍ତୁ ସରକାର ଠିକ୍ ଓଲଟା କରୁଛନ୍ତି । ନବ୍ୟଉଦାରୀକରଣ ନୀତିକୁ ଅଧିକ କାର୍ଯ୍ୟକାରୀ କରିବା ସହିତ ସାମାଜିକ କ୍ଷେତ୍ରରେ ବ୍ୟୟ ହ୍ରାସ କରିବା ସହିତ ବିଭିନ୍ନ ଶ୍ରମିକ ବିରୋଧି ସିଦ୍ଧାନ୍ତ ନେଉଛନ୍ତି । ଯାହାକୁ ବିରୋଧ କରି ଶ୍ରମିକ ସଙ୍ଗଠନ ଦ୍ୱାରା ଆୟୋଜିତ ସେପ୍ଟେମ୍ବର ୨ ତାରିଖର ଦେଶବ୍ୟାପୀ ଧର୍ମଘଟକୁ ସର୍ବାନ୍ତରେ ସଫଳ କରିବା ବାଞ୍ଛନୀୟ ।

*ଅଭିନନ୍ଦନ ସହ*
**ସନ୍ତୋଷ କୁମାର ମହାପାତ୍ର**



# ଚାହା ବିକାଳୀଙ୍କ ଅସଲ ରୂପ

**ପ୍ରଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ, CDIEA**

UPA-II ସରକାରର ଦୁର୍ନୀତିଗ୍ରସ୍ତ ଏବଂ ଦେଶବିରୋଧୀ ଶାସନରେ ଅତିଷ୍ଠ ହୋଇ ଭୋଟରମାନେ ଏକ ବିକଳ୍ପ ଖୋଜୁଥିବାବେଳେ ନରେନ୍ଦ୍ର ମୋଦିଙ୍କର ଛଳନାପୂର୍ଣ୍ଣ, ମନଭୁଲାଣିଆ ସ୍ଲୋଗାନ୍‌ରେ ମସ୍‌ଗୁଲ୍ ହୋଇ ଦେଶବାସୀ କେନ୍ଦ୍ରରେ ତାଙ୍କ ନେତୃତ୍ୱରେ ଏକ ଦକ୍ଷୀଣପନ୍ଥୀ ପ୍ରତିକ୍ରିୟାଶୀଳ ଶକ୍ତିକୁ କ୍ଷମତାସୀନ କରାଇଲେ । ଦେଶରେ ୬୦ ବର୍ଷରେ ଯାହାହେଇନି, ୬୦ ମାସରେ ତାହା ହେବ, କଳାଟଙ୍କା ଉଦ୍ଧାର କରାଯାଇ ପ୍ରତ୍ୟେକ ବ୍ୟାଙ୍କ୍‌ଧାରୀଙ୍କ ଖାତାକୁ ୧୫ ଲକ୍ଷ ଟଙ୍କା ହସ୍ତାନ୍ତର କରାଯିବ । ସମସ୍ତଙ୍କ ପାଇଁ ଭଲଦିନ ଆସିବ ବୋଲି ମୋଦି ପ୍ରତିଶୃତି ଦେଇଥିଲେ । ନିଜର ଚାହାବିକାଳୀ ପରିଚୟ ପ୍ରଦାନ ଏବଂ ତୁରନ୍ତ ଦରଦାମ୍ ନିୟନ୍ତ୍ରଣ ଇତ୍ୟାଦି ଆଶ୍ୱାସନା ପାଇଁ ମୋଦି ଦେଶବାସୀଙ୍କର ବିଶ୍ୱାସ ଭାଜନ ମଧ୍ୟ ହୋଇ ଥିଲେ । ବର୍ତ୍ତମାନ ତାଙ୍କର ୧ ବର୍ଷ ଶାସନ ମଧ୍ୟରେ ଚାହା ବିକାଳୀର ଅସଲରୂପର ସନ୍ଧାନ ଦେଶବାସୀମାନେ ଅନୁଭବ କରୁଛନ୍ତି । ମୋଦିଙ୍କ ଶାସନର ୧ ବର୍ଷ କେବଳ ଦେଶୀ ବିଦେଶୀ ପୁଞ୍ଜିପତିମାନଙ୍କର ସେବାରେ ଲାଗିଲା । ସ୍ୱଚ୍ଛ ଭାରତ ଅଭିଯାନ, ଧନଜନ ଯୋଜନା, ବେଟୀ ବଞ୍ଚାଅ–ବେଟୀ ପଢ଼ାଅ, ମେକ୍‌-ଇନ୍‌-ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ଡି. ଡି. କିଷାନ୍ ଟିଭି ଚାନେଲ୍ ଏବଂ ପ୍ରତ୍ୟେକ ମାସରେ 'ମନ୍ କି ବାତ୍' ଆଦି ଲୋକ ଦେଖାଣିଆ ସ୍ଲୋଗାନ୍ ତଥା କାର୍ଯ୍ୟକ୍ରମ ଦ୍ୱାରା ଦେଶବାସୀଙ୍କୁ ଭୁଁଆ ବୁଲାଉଛନ୍ତି ।

ଦେଶବାସୀଙ୍କର ବିଶ୍ୱାସ ଥିଲା ଯେ ଜଣେ ଚାହା ବିକାଳୀରୁ ପ୍ରଧାନମନ୍ତ୍ରୀ ହୋଇ ଯଦି ଗଣତନ୍ତ୍ରକୁ ସମ୍ମାନ ଜଣାଇ ସଂସଦକୁ ନମସ୍କାର କରୁଛନ୍ତି, ସେହି ବ୍ୟକ୍ତି ହିଁ ନିଶ୍ଚୟ ଗରିବ ଲୋକମାନଙ୍କର ମନକଥା ବୁଝିବେ । କିନ୍ତୁ ସେ କିଭଳି ରକମର ଚାହା ବିକାଳୀ ଥିଲେ ତାହାର କେତେକ ନମୁନା ନିମ୍ନରେ ପ୍ରଦାନ କରାଗଲା : –

୧) ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରି ପାରିନାହାଁନ୍ତି ଓଲଟା ତାଙ୍କ ଶାସନର ୧ ବର୍ଷ ମଧ୍ୟରେ ଗରିବ ଲୋକମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତଥା – ଚାଉଳ, ଡାଲି, ତେଲ, ଆଳୁ, ପିଆଜ, ପନିପରିବା, ପେଟ୍ରୋଲ୍ ଓ ଡିଜେଲ୍‌ର ଦର ଅହେତୁକ ବୃଦ୍ଧି ପାଇଛି ।

୨) ସେ ୧ ବର୍ଷ ମଧ୍ୟରେ ନିଜର ଅସମ୍ପୂର୍ଣ୍ଣ ଆଶା ପୂରଣ ପାଇଁ ୧୮ଟିରୁ ଉର୍ଦ୍ଧ୍ୱ ଦେଶ ଭ୍ରମଣ କରି ସାରିଲେଣି ।

୩) ତାଙ୍କର ଫଟୋ ଚିତ୍ର ତାଙ୍କର ବିନା ଅନୁମୋଦନରେ କୌଣସି ସମ୍ବାଦପତ୍ର କିମ୍ବା ଟି.ଭି.ଚାନେଲ୍‌କୁ ନ ପଠାଇବାପାଇଁ ୧୩୦ଟି ଅଫିସ୍‌କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

୪) ଯୋଜନା ଆୟୋଗ ଉଚ୍ଛେଦ କରି ନୀତି ଆୟୋଗ ଗଠନ କରିଛନ୍ତି । ଅଯଥାରେ ଶ୍ରମ ଆଇନର ବିଭିନ୍ନ ଶ୍ରମିକ ବିରୋଧୀ ପରିବର୍ତ୍ତନ ଆଣିବା ପାଇଁ ବଦ୍ଧ ପରିକର ।

୫) ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି – ୨୦୧୫ ମସିହା ମେ ମାସ ୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଛତିଶଗଡ଼ ଗସ୍ତ ବେଳେ ରାୟପୁର ଏୟାରପୋର୍ଟକୁ ବସ୍ତର ଜିଲ୍ଲାର ଜିଲ୍ଲାପାଳ ଅମ୍ରିତ କାଟେରିଆ ପ୍ରବଳ ଗରମ ହେତୁ ଆଖିରେ ସନ୍ ଗ୍ଲାସ ଓ ଉଜ୍ଜଳ ନୀଳ ଓ ଧଳାରଙ୍ଗର ଗାରଗାରିକିଆ ଫୁଲ୍ ସାର୍ଟ ପିନ୍ଧି ପ୍ରଧାନମନ୍ତ୍ରୀଙ୍କୁ ପାଛୋଟି ନେବା ପାଇଁ ଆସିଥିଲେ । ଜିଲ୍ଲାପାଳ କାହିଁକି ପ୍ରଧାନମନ୍ତ୍ରୀ ମୋଦି ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ପୋଷାକଠାରୁ ଉଜ୍ଜ୍ୱଳ ଦିଶୁଥିବା ପୋଷାକ ପିନ୍ଧିଥିଲେ ତାହାର କୈଫୟତ ମଗାଯାଇଥିଲା ।

୬) ବରିଷ୍ଠ ସମ୍ବାଦିକ ରାଜଦ୍ୱୀପ ସରଦେଶାଇ ତାଙ୍କ ''The Election that changed India.'' ବହିରେ ଲେଖିଛନ୍ତି ଯେ ପ୍ରତିଦିନ ସକାଳୁ ମୋଦି ଅଧଘଣ୍ଟା ଲେଖାଁଏ ଦର୍ପଣ ସାମ୍ନାରେ ଛିଡ଼ା ହୋଇ କିପରି ବିବେକାନନ୍ଦଙ୍କ ପରି ବେଶୀ ଆକର୍ଷଣୀୟ ଦେଖାଯିବେ ଏବଂ ବାଜ୍‌ପେୟୀଙ୍କଠାରୁ ବଳି ଦୃଢ଼ମନା ପ୍ରଧାନମନ୍ତ୍ରୀର ଭାବମୂର୍ତ୍ତୀ ଲୋକମାନଙ୍କ ମଧ୍ୟରେ ତିଆରି କରିବେ ଏହି କଥା ଚିନ୍ତା କରନ୍ତି । ତେବେ ବର୍ତ୍ତମାନ ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଠେ ଯେ ମୋଦି ହେଉଛନ୍ତି ମହାତ୍ମାଗାନ୍ଧୀଙ୍କ ରାଜ୍ୟ ଗୁଜୁରାଟର ଲୋକ । ଗାନ୍ଧିଜୀଙ୍କର ପୋଷାକ ଥିଲା ଆଣ୍ଠୁଲୁଚା ଖଦି ଏବଂ ଦେହରେ ଖଦଡ଼ ଚାଦର । ତାଙ୍କୁ ଦେଖାକରିବା ପାଇଁ ଦେଶ ବିଦେଶର ରାଜା ମହାରାଜ, ଗଭର୍ଣ୍ଣର, ମିଲିଟାରୀ କମାଣ୍ଡର କିଭଳି ପୋଷାକ ପରିଧାନ କରିଆସୁଛନ୍ତି, ସେଥିପ୍ରତି ତାଙ୍କର ନିଘା ନଥିଲା କିମ୍ବା ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍ ତାଙ୍କ ଆଠୁଲୁଚା ଖଦି ପିନ୍ଧା ଦେଖି ''ଅଧା ଲଙ୍ଗଳା ଫକିର'' ବୋଲି ଆକ୍ଷେପ କରୁଥିବା ହେତୁ ଗାନ୍ଧିଜୀଙ୍କ ମନରେ କୌଣସି ଗ୍ଳାନି ନ ଥିଲା ।

ତାହାହେଲେ ଗାନ୍ଧିଜୀଙ୍କ ଜନ୍ମମାଟିର ଲୋକ ହୋଇ ଏବଂ ବିଶେଷ କରି ଚାହା ବିକାଳୀରୁ ପ୍ରଧାନମନ୍ତ୍ରୀ ହୋଇ ତାଙ୍କୁ ପାଛୋଟି ନେବାପାଇଁ ଆସିଥିବା ଅଫିସରଙ୍କ ପୋଷାକ ଓ ସନ୍‌ଗ୍ଲାସ୍ ଦେଖି ନିଜକୁ ଅପମାନ ବୋଧ କଲେ କାହିଁକି ? ପ୍ରକୃତରେ ଏହା ହେଉଛି ଛଦ୍ମବେଶୀ ଚାହା ବିକାଳୀଙ୍କ ପ୍ରକୃତ ରୂପ ଯାହାକୁ ଦେଶବାସୀଙ୍କର ବୁଝିବାର ବିଳମ୍ବ ହେଲା । ତେଣୁ ଆସନ୍ତୁ ଦେଖିବା ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ଆହୁରି କିପରି ଚାହା ବିକାଳୀର ଅସଲରୂପକୁ ଅଭିନୟ ମାଧ୍ୟମରେ ଦେଶବାସୀଙ୍କ ସାମ୍ନାରେ ପ୍ରଦର୍ଶନ କରୁଛନ୍ତି ଏବଂ ଆମ୍ଭେମାନେ ଆମର ସଙ୍ଗଠନ ଏବଂ ମିତ୍ରଶକ୍ତିଙ୍କ ସହିତ ମିଶି ଆଗାମୀ ଭବିଷ୍ୟତ କାର୍ଯ୍ୟପନ୍ଥା ନିରୂପଣ କରିବା ଏବଂ ସେପ୍ଟେମ୍ବର ୨ର ଧର୍ମଘଟକୁ ସଫଳ କରିବା ।

❖❖❖

## WHAT INDICES REVEAL ABOUT THE ABYSMAL POSITION OF INDIA ?














# ଚମତ୍କାର ସାଫଲ୍ୟ

**ଅମାନୁଲ୍ଲା ଖାନ୍, ସଭାପତି, AIIEA**

୨୦୧୪–୧୫ ବର୍ଷର ଆର୍ଥିକ ହିସାବ LIC ବୋର୍ଡ଼ର ଅନୁମୋଦନ ପାଇବା ପରେ, ଏହି ବିଶାଳ ଅନୁଷ୍ଠାନର ପ୍ରଦର୍ଶନ ଅତ୍ୟନ୍ତ ଉତ୍ସାହଜନକ ହୋଇଥିବାର ପ୍ରତିଫଳିତ ହୋଇଛି । ମୋଟ କିସ୍ତି ଆୟରେ ସାମାନ୍ୟ ଉନ୍ନତି ଘଟି ୨ କୋଟି ୩୯ ଲକ୍ଷ ୬୬୭ ଟଙ୍କା ହୋଇଥିବା ବେଳେ, ସର୍ବମୋଟ ଆୟର ପରିମାଣ ୪ କୋଟି ୭ ଲକ୍ଷ ୫୪୬ ଟଙ୍କାରେ ପହଞ୍ଚିଛି, ଯାହାକି ପୂର୍ବ ବର୍ଷ ୩ କୋଟି ୮୦ ଲକ୍ଷ ୪୨ ଟଙ୍କା ଥିଲା । ଗତ ଆର୍ଥିକ ବର୍ଷରେ ଉଦ୍‌ବୃତ୍ତ ରାଶିର ପରିମାଣ ୩୭,୯୬୦ କୋଟି ଟଙ୍କା, ଯେଉଁଥିରୁ ସରକାରଙ୍କୁ ଡିଭିଡେଣ୍ଡ ବାବଦକୁ ୧୮୦୩ କୋଟି ଟଙ୍କା ପ୍ରଦତ୍ତ ହୋଇଛି, ଅର୍ଥାତ୍ ମୂଳ ପୁଞ୍ଜି ଉପରେ ମୋଟ ଦେୟ ହାର ୧୮୦୩ ପ୍ରତିଶତ । ପୂର୍ବବର୍ଷ ଡିଭିଡେଣ୍ଡ ବାବଦକୁ ପ୍ରଦତ୍ତ ରାଶିର ପରିମାଣ ଥିଲା ୧୬୩୪ କୋଟି ଟଙ୍କା । LIC ର ମୋଟ ପରିସମ୍ପତ୍ତି ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା ହେବାର ଆକଳନ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ଏହିକିଯେ ଉଭୟ ଆନୁଷ୍ଠାନିକ ଖର୍ଚ୍ଚ ଓ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ଦେୟ ବାବଦକୁ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି । ପଲିସି ଚାଲୁ ହେବା ଅନୁପାତରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଘଟିଛି । ପଲିସି ସଂଖ୍ୟାରେ ହ୍ରାସ ଉଦବେଗର ବିଷୟ ହୋଇଥିଲେ ମଧ୍ୟ ଚଳିତ ବର୍ଷ ଏଥିରେ ସୁଧାର ଆସିବା ସୁନିଶ୍ଚିତ । ପଲିସି ସଂଖ୍ୟା ଓ ପ୍ରିମିୟମ ଆୟ କ୍ଷେତ୍ରରେ ଯଥାକ୍ରମେ ୭୫ ଓ ୭୦ ପ୍ରତିଶତ ବଜାର ଦଖଲ ମାଧ୍ୟମରେ ତା'ର ଆଧିପତ୍ୟ ବଜାୟ ରଖିପାରିଛି । ଏହି ଆର୍ଥିକ ପ୍ରଦର୍ଶନ ସମେତ ଦାବୀ ମୀମାଂସା ଓ ଉତ୍କୃଷ୍ଟ ସେବା ପ୍ରଦାନରେ କ୍ରମୋନ୍ନତି ଏହାର କୃତିତ୍ୱକୁ ବହୁଗୁଣିତ କରିଛି ।

୨୦୧୪–୧୫ ମସିହାରେ ୧୫,୧୮୩ କୋଟି ଟଙ୍କାର ମୋଟ କିସ୍ତି ଆୟ (ଯାହାକି ପୂର୍ବ ବର୍ଷରେ ୧୪,୬୮୦ ୧୫, ୧୮୩ କୋଟି ଟଙ୍କା ଥିଲା) ସଂଗ୍ରହ କରି GIC-Reinsurance ଚମତ୍କାର ପ୍ରଦର୍ଶନ ଜାରି ରଖିଛି । ଏହି ସଫଳତା ପ୍ରତିଫଳିତ ହୋଇଛି ଏହାର ମୋଟ ପରିସମ୍ପତି ପରିମାଣ ୬୬,୯୯୨ କୋଟି ଟଙ୍କାରୁ ୭୮,୦୯୩ କୋଟି ଟଙ୍କାକୁ ବୃଦ୍ଧିପାଇବାରେ । ୪୩୦ କୋଟି ଟଙ୍କାର ମୂଳ ସରକାରୀ ପୁଞ୍ଜି ଉପରେ ୫୪୦ କୋଟି ଟଙ୍କାର ଡିଭିଡେଣ୍ଡ (୧୨୫ ପ୍ରତିଶତ) ପ୍ରଦାନ କରିପାରିଛି ଯାହାକି ଅନନ୍ୟ । ସେହିପରି ଆଲୋଚ୍ୟ ବର୍ଷରେ, ଚାରୋଟି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ସମୂହର ପ୍ରତ୍ୟକ୍ଷ କିସ୍ତି ଆୟ ୪୨,୫୯୧ କୋଟି ଟଙ୍କା ହୋଇଛି (ଯାହାକି ବିଗତ ବର୍ଷ ୩୮,୫୯୯ କୋଟି ଟଙ୍କା ଥିଲା) ଅର୍ଥାତ୍ ଅଭିବୃଦ୍ଧି ହାର ୧୦.୩୪ ପ୍ରତିଶତ । ଟିକସ ବାଦ ଏହି ଚାରୋଟି କମ୍ପାନୀର ଲାଭ ପରିମାଣ ୩୦୯୧ କୋଟି ଟଙ୍କା, ଯାହାକି ବିଗତ ବର୍ଷ ଅପେକ୍ଷା ୧୯୧ କୋଟି ଟଙ୍କା ଅଧିକ ସେହିପରି ମୋଟ ଡିଭିଡେଣ୍ଡ ରାଶି ଗତ ବର୍ଷ ୫୯୮.୬୬ କୋଟି ଟଙ୍କା ଥିଲାବେଳେ ଚଳିତ ବର୍ଷ ୬୬୪.୫୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅର୍ଥାତ୍ ପୁଞ୍ଜି ନିବେଶ ଉପରେ ପ୍ରତ୍ୟାର୍ପଣ ହାର ୧୧୦ ଶତକଡ଼ାରୁ ସାମାନ୍ୟ ଅଧିକ । ଉପରୋକ୍ତ କମ୍ପାନୀ ସମୂହ ଭାରତୀୟ ବୀମା ବଜାରରେ ସର୍ବାଗ୍ରେ ରହି ଚମତ୍କାର ସାଫଲ୍ୟ ଅର୍ଜନ କରିଛନ୍ତି ।

ଅତ୍ୟନ୍ତ କଠିନ ଆର୍ଥିକ ପରିସ୍ଥିତି ପ୍ରେକ୍ଷାପଟରେ ଏହି ସଫଳତା ନିଶ୍ଚିତ ଭାବରେ ଅଭିନନ୍ଦନୀୟ । ୨୦୧୩–୧୪ ଆର୍ଥିକ ବର୍ଷ ପାଇଁ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୭.୩ ପ୍ରତିଶତ ଦର୍ଶାଇବା ସହିତ, ଚୀନର ଅଭିବୃଦ୍ଧି ହାରକୁ ଅତିକ୍ରମ କରି ଆମ ଦେଶ ବିଶ୍ୱର ଦ୍ରୁତତମ ଆର୍ଥିକ ଅଭିବୃଦ୍ଧି ହେଉଥିବା ରାଷ୍ଟ୍ର ବୋଲି ମୋଦି ସରକାର ଦାବୀ କରୁଛନ୍ତି । କିନ୍ତୁ ଆମେ ଜାଣିବା ଉଚିତ୍ ଯେ, କେବଳ ମାତ୍ର କେନ୍ଦ୍ରୀୟ ପରିସଂଖ୍ୟାନ ବିଭାଗର ତଥ୍ୟକୁ ଚଂଚକତା କରି ସରକାର ଏପ୍ରକାର ଚିତ୍ର ତୋଳିଧରୁଛନ୍ତି । ଏହି ତଥ୍ୟ ୨୦୦୪–୦୫ ଆଧାର ପରିବର୍ତ୍ତେ ୨୦୧୧–୧୨ ବର୍ଷ ଉପରେ ପର୍ଯ୍ୟବେସିତ । ଏଣୁ ବର୍ଷ ୨୦୧୩–୧୪ରେ (ଯାହାକି ଉପା–୨ ସରକାର ଶାସନର ଅନ୍ତିମ ବର୍ଷ) ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ ଶତକଡ଼ା ୪.୭କୁ ପରିବର୍ତ୍ତନ କରି ୬.୯ ବୋଲି ଦର୍ଶାଯାଇଥିଲା ।

ଆମ ପାଇଁ ଏହି ଅଭିବୃଦ୍ଧି ହାର ସନ୍ଦେହଜନକ ହୋଇଥିବା ବେଳେ, ଭାରତ ସରକାରଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ବ୍ୟବସାୟରେ ଲାଭାଂଶ ଯଥେଷ୍ଟ ହ୍ରାସ ଓ ସ୍ୱଳ୍ପ ଚାହିଦା ଯେ ଆର୍ଥିକ ଦୁର୍ଗତିର କାରଣ ଏଥିରେ ଦ୍ୱିମତ ହେବାର ନାହିଁ । ଆଜି ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ସ୍ଥାଣୁ ; କୃଷି କ୍ଷେତ୍ର ବିପର୍ଯ୍ୟସ୍ତ ଏବଂ ସେବା କ୍ଷେତ୍ରରେ ଅଭିବୃଦ୍ଧି ଆଶାନୁରୂପ ନୁହେଁ । ଏକ ପକ୍ଷେ ମୋଟ ଆଭ୍ୟନ୍ତରୀଣ ସଞ୍ଚୟ ନିବେଶ ବୃଦ୍ଧି ପାଉନଥିବା ବେଳେ, ଅନ୍ୟ ପଟରେ ରପ୍ତାନୀ ହ୍ରାସ ହେବାରେ ଲାଗିଛି । ମୋଟ ପୁଞ୍ଜି ହାର ୩୦.୭ ଶତାଂଶରୁ ୩୦ ଶତାଂଶକୁ ହ୍ରାସ ଏବଂ ତତ୍ ସହିତ ଉପଭୋକ୍ତା ଖର୍ଚ୍ଚ ହ୍ରାସ ହେବାରେ ଲାଗିଛି । ତେଣୁ ଚାହିଦା ଓ ନିବେଶ–ଯାହାକି ପରସ୍ପର ପରସ୍ପରର ପରିପୂରକ, ଉଭୟ ଊଣା ହେବା ହେତୁ ଅର୍ଥନୀତି ପଙ୍ଗୁ ହେବାରେ ଲାଗିଛି । ଅତଏବ ଯଦି ଚାହିଦାରେ କୌଣସି ଉନ୍ନତି ନ ହୁଏ, ତେବେ, ବ୍ୟାଙ୍କ୍ ସୁଧ ହାର ହ୍ରାସ କରାଗଲେ ମଧ୍ୟ ବ୍ୟବସାୟରେ ପୁଞ୍ଜି ନିବେଶ ଉତ୍ସାହପ୍ରଦ ହେବ ନାହିଁ । କିନ୍ତୁ ନିଯୁକ୍ତି ସୁଯୋଗ ସୃଷ୍ଟି ମାଧ୍ୟମରେ ଆୟ ଓ ମଜୁରୀ ବୃଦ୍ଧି କରି ଆଭ୍ୟାନ୍ତରୀଣ ଚାହିଦା ବଢ଼ାଇବା ବଦଳରେ ମୋଦି ସରକାର ମେକ ଇନ୍ ଇଣ୍ଡିଆ ପରି ଶସ୍ତା ସ୍ଲୋଗାନ୍ ଦେଇ ରପ୍ତାନୀ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବାରେ ଲାଗିଛନ୍ତି । ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଜାରି ରହିବା ବେଳେ, ରପ୍ତାନୀ ଭିତିକ ବୃଦ୍ଧି କୌଶଳ ସଫଳ ହେବା ଆଶା କ୍ଷୀଣ ।

ବିଶ୍ୱ ସମେତ ଆମ ଦେଶ ଏକ ପ୍ରକାରର ସଙ୍ଗୀନ ଆର୍ଥିକ ପରିସ୍ଥିତି ମଧ୍ୟ ଦେଇ ଗତି କରୁଥିବା ସମୟରେ ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ଏହି ସଫଳତା, ନିଶ୍ଚିତ ରୂପେ ଏହି ଶିଳ୍ପର ସୁରକ୍ଷା ଓ LIC ତଥା GIC ର ସ୍ୱାର୍ଥ ରକ୍ଷା ଦିଗରେ ଲଢ଼େଇକୁ ଆହୁରି ଜୋରଦାର କରିବା ପାଇଁ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବା ସହିତ, ଆମର ଆନ୍ଦୋଳନ ତଥା ଆମ ଶିଳ୍ପ ପାଇଁ ସମ୍ପୂର୍ଣ୍ଣ ଭିନ୍ନ ଆହ୍ୱାନ ସୃଷ୍ଟି କରିଛି । ବୀମା ଶିଳ୍ପରେ ବର୍ଦ୍ଧିତ ପୁଞ୍ଜିର ଅନ୍ତଃସ୍ରୋତ ଘରୋଇ କ୍ଷେତ୍ରର ପ୍ରସାର ତଥା ସଶକ୍ତିକରଣରେ ସାହାଯ୍ୟ କରିବ । ଏହା ଫଳରେ ଘରୋଇ ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ଅଧିଗ୍ରହଣ, ମିଶ୍ରଣ ଓ ବିଲୟ ପାଇଁ କ୍ଷେତ୍ର ପ୍ରସ୍ତୁତ ହେବ, ଯାହାକି ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ବଜାର ଆଧିପତ୍ୟ ପ୍ରତି ବିପଦଜନକ ସ୍ତାବିତ ହେବ । ନିଃସନ୍ଦେହ ଯେ, ମୋଦୀ ସରକାରଙ୍କ ଅର୍ଥନୈତିକ ଦୃଷ୍ଟିଭଙ୍ଗୀ ପୂର୍ଣ୍ଣମାତ୍ରାରେ ରାଷ୍ଟ୍ରାୟତ୍ତ ଶିଳ୍ପର ପରିପନ୍ଥୀ,

ଯେଉଁଥିପାଇଁ ବୀମା କର୍ମଚାରୀମାନଙ୍କ ଆନ୍ଦୋଳନ ଯତ୍ନବାନ ହେବା ଆବଶ୍ୟକ । LIC ସମେତ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଶିଳ୍ପର ଘରୋଇକରଣ ଓ GIC-Reinsurance ପାଇଁ ପୁଞ୍ଜି ବଜାରକୁ ଉନ୍ମୁକ୍ତ କରିବା ପାଇଁ ଦାବୀ ଜୋରଦାର ହେବ । ଏଣୁ କରି ଏହି ଶିଳ୍ପର ସୁରକ୍ଷା ହିଁ ଆମ ଆନ୍ଦୋଳନର ପ୍ରମୁଖ ପ୍ରଶ୍ନ । ଚାରୋଟି ସାଧାରଣ ବୀମା ଶିଳ୍ପର ମିଶ୍ରଣ ପାଇଁ ଜୋରଦାର ପ୍ରଚାର ହିଁ ଏହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ହେବ ।

LIC ଓ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଗୁଡ଼ିକର ଜବରଦସ୍ତ ଆର୍ଥିକ ସଫଳତା ହିଁ ଉତ୍ତମ ମଜୁରୀ ସଂଶୋଧନ ଓ ପେନ୍‌ସନ୍‌ର ଆଉ ଏକ ସୁଯୋଗ ପ୍ରଦାନ ନିମନ୍ତେ ଆମ୍ଭମାନଙ୍କର ଦାବୀକୁ ଯଥାର୍ଥ ସ୍ଥାବିତ କରୁଛି । ନ୍ୟାୟସଙ୍ଗତ ଦାବୀ ପୂରଣରେ ଅହେତୁକ ବିଳମ୍ବ ସମ୍ପୂର୍ଣ୍ଣ ଅଯୌକ୍ତିକ । ରାଷ୍ଟ୍ରାୟତ୍ତ ସଂସ୍ଥା ସମୂହକୁ ଉଚ୍ଚ ଆସନକୁ ନେଇଯିବାରେ ଯେଉଁ କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି, ସେହି ଅନୁଷ୍ଠାନଗୁଡ଼ିକର ଅଭିବୃଦ୍ଧି ଓ ସ୍ୱଚ୍ଛଳତାର ଏକାଂଶ ଦାବୀ କରିବା, କର୍ମଚାରୀ ଓ ଅଧିକାରୀମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ଅଟେ । ପ୍ରତିଗାମୀ ମଜୁରୀ ନୀତି ଅବଲମ୍ବନ କରୁଥିବା ଏହି ସରକାର କେତେକ ଆଳରେ, ବୀମା କର୍ମଚାରୀ ଓ ଅଧିକାରୀମାନଙ୍କୁ ସମୁନ୍ନତ ମଜୁରୀ ସଂଶୋଧନ ପ୍ରଦାନ ସପକ୍ଷରେ ଆଦୌ ନାହାନ୍ତି । ଏହି ନ୍ୟାଯ୍ୟ ଦାବୀ ହାସଲ ପାଇଁ ସମସ୍ତ ଶ୍ରେଣୀର କର୍ମଚାରୀ ସଂଗଠନ ଆନ୍ଦୋଳନର ଗୋଟିଏ ମଞ୍ଚରେ ଏକାଠି ହେବା ଅଭିନନ୍ଦନୀୟ । ସାଧାରଣ ବୀମା ଶିଳ୍ପରେ ମଧ୍ୟ ଏହି ପ୍ରକାରର ମିଳିତ ମଞ୍ଚ ଗଠନ ପ୍ରକ୍ରିୟା ସଫଳ ହେବା ଏକାନ୍ତ ଆବଶ୍ୟକ । ଏହି ଜିଦ୍‌ଖୋର ସରକାରର ଆହ୍ୱାନକୁ ସାମନା କରିବା ଓ ସ୍ୱୟଂଚାଳିତ କାର୍ଯ୍ୟକାରୀ ଅଧିକାରକୁ ଜାହିର କରିବାରେ କର୍ତ୍ତୃପକ୍ଷ ଅସମର୍ଥ ହେବା ବିପକ୍ଷରେ ଏହି ଏକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସର୍ବଶେଷରେ ମନେ ରଖିବା ଉଚିତ୍ ଯେ, ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ପ୍ରଦର୍ଶନ ଅତ୍ୟନ୍ତ ଉତ୍ସାହଜନକ । ଏହି ସଫଳତାକୁ ଆଧାର କରି, ଏକ ଉନ୍ନତ ମଜୁରୀ ସଂଶୋଧନ ଓ ପେନସନ୍‌ର ଆଉ ଏକ ସୁଯୋଗ ଦେବାର ନ୍ୟାୟସଙ୍ଗତ ଦାବୀକୁ ହାସଲ କରିବା ପାଇଁ ସାହସ ଓ ଆତ୍ମବିଶ୍ୱାସର ସହିତ ସମ୍ପୃକ୍ତ ଆନ୍ଦୋଳନକୁ ଆଗେଇନେବା ତଥା ଏହି ଶିଳ୍ପର ସୁରକ୍ଷା ପାଇଁ ପ୍ରଚାର ଅଭିଯାନକୁ ଅଧିକରୁ ଅଧିକ ବ୍ୟାପକ କରିବା ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

ସୌଜନ୍ୟ : ସମ୍ପାଦକୀୟ ଇନସ୍ୟୁରାନ୍ସ ୱ୍ୱାକର, ୨୦୧୫ ଜୁଲାଇ ସଂଖ୍ୟା

**ଭାଷାନ୍ତର – ରଞ୍ଜିତ ରାଉତ୍ ।**

❖❖❖



# ନିଖିଳ ଭାରତ ବୀମା କର୍ମଚାରୀ ସଂଘ ପଥ ପଦର୍ଶକ ସାଥୀ

**ନିରଞ୍ଜନ ନାହାକ, ସହ–ସମ୍ପାଦକ,**
**BDIEA,** ବ୍ରହ୍ମପୁର

ଆମ ରାଜ୍ୟରେ ବର୍ଷକୁ ବର୍ଷ ଲାଗଇ , ବନ୍ୟା, ବାତ୍ୟା, ମରୁଡ଼ି ଯେ କାଳ
ସେ କାଳ, ଏ'କାଳ ଜନ-ସମାଜକୁ , ଦୁଃଖରେ ଭାଙ୍ଗିଛି ସବୁ ବଳ
କାଳ,ବଳ ସିନା ଚାଲିଯାଇଛି, ଆସିଅଛି ଭୟଙ୍କର .....ଏ ବେଳ
ଦେଖାଦେଇଅଛି ଅନେକ ଦୁର୍ନୀତି, ଘଡ଼ି ସନ୍ଧିର ଶାସକ କଳ
ଚାଲିଛି ଖଜଣା କର୍ତି ମାର୍ଜନା, ନେତାଙ୍କ ବିପତ୍ତି ଟଳମଳ
ଦୁର୍ନୀତି, ଦୁର୍ନୀତି , ମହାଦୁର୍ନୀତି ହୋଇଛି, ଲମ୍ବିଅଛି....ଚେର ମାଳ
ଶାସକ ଦୁର୍ନୀତି ପ୍ରିୟା, ପ୍ରୀତ ପାଇ, ନାମ ହୋଇଅଛି ମହାକାଳ
ଶାସନ କର୍ତ୍ତା ପଦାରେ ପଡ଼ିଛି, ଭାଙ୍ଗିଅଛି ସମସ୍ତଙ୍କର ବଳ
ଧରମ ଭାବନା ଅଟେ ଚିରା କନା, ମନେ ରଖ ଲଢ଼େଇର ବେଳ
ପଛୁଆ ଓଡ଼ିଶା ପଛକୁ ଯାଉଛି, ଆଗକୁ ଆସୁଛି ମହାବଳ
ଫଟା କଉଡ଼ିଟାଏ ମିଳିବ ନାହିଁ, ଆସିଛି ଦକ୍ଷିଣ ପନ୍ଥୀ ଦଳ
ସାରା ଭାରତକୁ ପଦ୍ମ ଫୁଟାଇବେ, ଏହି ଗେରୁଆ ବାହିନୀ ଦଳ
ସ୍ୱଚ୍ଛ ଶାସନ କଥା କହି ଭାରତବାସୀଙ୍କୁ କରୁଛନ୍ତି ପାଗଳ
ପଦ୍ମ ଫୁଟିଲେ ଭିତରେ ଶଙ୍ଖ ବାଜି ଉଠୁଛି, ଶୁଣ ଭାଇ – ହେ ନୀଳ
ରାଜ୍ୟ ସଭାରେ FDI ବୃଦ୍ଧି ପାଇଁ, ଚାଲିଛି ବିତର୍କ ବାକ୍ୟ ଶୂଳ
FDI ବୃଦ୍ଧି ନ କରିବା ପାଇଁ, ଲଢୁଛନ୍ତି ସମସ୍ତଙ୍କ ବାମଦଳ
CBI ଭୂତ ଚାର୍ଜସିଟ୍ ଦାଖଲ ଅଛି, ଭୋଗିବେ ଦଣ୍ଡ ବିଧାନ
ଚୂଡ଼ାନ୍ତ ପର୍ଯ୍ୟାୟେ CBI ଭୂତ ଧରିବ, ସମସ୍ତେ ଦେଖିବ ଜନ
ରାଜ୍ୟରେ ଦୁର୍ନୀତି, ମୋଦିଙ୍କର ଯେଉଁ ଭିତ୍ତୀ ବିଦେଶୀ ପ୍ରତିରେ ମନ
ଭୟ ନ କରି ଆଗେଇ ଚାଲ ସର୍ବହରା, ଖଟିଖିଆ ଆହେ ଜନ
କିପରି ଚଳିବା, କିପରି ରହିବା, ଶପଥ ନିଅ ......ସଂଗ୍ରାମୀ .......ଜନ
ଜନ,ମନ,ଧନ,ଗଣ ମନେ ନ ରହୁ ଏ ଦ୍ୱିଧା ମୋର ଯେତେ ସଂଗଠନ
ଭାଇ, ଭଉଣୀ, ମାଆ, ମାଉସୀ, ଖୁଡ଼ି, ଦାଦା, ବାପା, ବନ୍ଧୁ ହେ ସଜ୍ଜନ
କୃଷକ, ଶ୍ରମିକ, କର୍ମଚାରୀ, ବୁଦ୍ଧିଜୀବୀ, ଗୁଣି, ଜ୍ଞାନୀ......ପ୍ରିୟଜନ
କଂମ୍ରେଡ୍ ବନ୍ଧୁ ହେ, କଂମ୍ରେଡ ଭଉଣୀ, ବୀମାଧାରୀ, ବୀମାକାରୀ ଜନ
ଜନ୍ମଗତ ଅଧିକାର କୁହ ଭାଇ, ବଞ୍ଚିବାର ମୋର......ଅଧିକାର
କହିବା ମୋର ଅଧିକାର, କୁହ ଭାଇ, ଲଢ଼ିବା ମୋର.....ଅଧିକାର
ରହିବା ମୋର ଅଧିକାର, କୁହ ଭାଇ, ସ୍ୱାଧୀନ ମୋର...... ଅଧିକାର
ଜଳ, ଜମି, ଜଙ୍ଗଲ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି କୁହ ମୋର.........ଅଧିକାର
ଦେଶ ମାତୃକାର ଜନ୍ମଭୂମିର , ସୁରକ୍ଷା ନେଇ ହୁଅ ......ଅଙ୍ଗୀକାର
ଲଢ଼େଇ କର ଭାଇ, ଲଢ଼େଇ କର ବନ୍ଧୁ, ଲଢ଼େଇ କର ହେ ସାଥୀ
ଲଢ଼େଇ କର ହେ ଶେଷ ନିଃଶ୍ୱାସ ଯାଏଁ, ଲଢ଼େଇ ଚଳାଅ ସାଥୀ
କାଳ ପଡ଼ିଅଛି ମହାଦୁର୍ନୀତି ଚାଲିଛି, ଶୋଇ ଯାଅ ନାହିଁ......ସାଥୀ
AIIEA ମନ୍ତ୍ର ଗୁଡ଼ିକ ଉଚ୍ଚାରଣେ, ଆଚରଣେ ଲଗାଅ ତୁମେ ........ସାଥୀ
ନିଖିଳ ଭାରତ ବୀମା କର୍ମଚାରୀ ସଂଘ, ପଥ ପଦର୍ଶକ........ସାଥୀ ।

❖❖❖

# ଗପ ନୁହେଁ ସତ

# ଅନ୍ତ୍ୟେଷ୍ଟିକ୍ରିୟା ସମାଗ୍ରୀ ଉପରେ ୨୩% ଟିକସ୍

ସାଥୀ ମୀନରଂଜନ ବିଶି
**ଯୁଗ୍ମ ସମ୍ପାଦକ, ଏସ୍.ଡ଼ି.ଏଲ୍.ଆଇ.ଇ.ଏ.**

ଘଟଣାଟି ଅସମ୍ଭବ ଏବଂ ଅମାନବୀୟ ମନେ ହେଉଥିଲେ ମଧ ସତ୍ୟ । ଯଦି ଆପଣ ଗ୍ରୀସ୍‌ର ସାମ୍ପ୍ରତିକ ଅର୍ଥନୀତି ଉପରେ ସମ୍ୟକ୍ ଆଲୋଚନା କରିବେ, ତେବେ ଗପ ମନେ ହେଉଥିବା ଏ କଥାଟିର ସତ୍ୟତା ଉପଲବ୍ଧ କରି ପାରିବେ । ଗତ ଜୁନ୍ ୨୯ ତାରିଖରୁ ଊଣା ଅଧିକେ ସମଗ୍ର ବିଶ୍ୱବାସୀ ଗ୍ରୀସ୍‌ର ବିପର୍ଯ୍ୟସ୍ତ ଅର୍ଥନୀତି ଉପରେ କିଛିଟା ଧାରଣା କରିଛନ୍ତି । ସାଧାରଣତଃ ଲୋକମାନେ ଦେଶ ବିଦେଶ ବା ନିଜ ଅଞ୍ଚଳରେ ଅର୍ଥନୈତିକ ଅବସ୍ଥା ଉପରେ ଆଲୋଚନାକୁ ଗୁରୁତ୍ୱ ଦେଇ ନ ଥା'ନ୍ତି । ରାଜନୀତି, କ୍ରିକେଟ୍, ନିର୍ବାଚନ, ଲୁଟ୍ ବା ଦୁର୍ଘଟଣା ପରି ଘଣଟାମାନ ସାଧାରଣ ପରିବେଶରେ ଏବଂ ଅଧିକାଂଶ କ୍ଷେତ୍ରରେ କେନ୍ଦ୍ରବିନ୍ଦୁ ହୋଇଥାଏ । ଓଡ଼ିଶାରେ ଦୈନିକ ଗଣମାଧମ ମଧ ବିଶେଷଭାବରେ ଏ ଦିଗ ବା ଘଟଣାଗୁଡ଼ିକ ଉପରେ ଅଧିକ ଆଲୋକପାତ କରିଥାନ୍ତି ।

ମାତ୍ର ନିକଟ ଅତୀତରେ ଗ୍ରୀସ୍ ଘଟଣାପରେ ତା'ର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଓଡ଼ିଶାର ପ୍ରମୁଖ ସମ୍ବାଦପତ୍ର ସମ୍ବାଦରେ ମଧ ନିତି ପ୍ରତିଦିନ ଗ୍ରୀସ୍‌ର ଅର୍ଥନୀତି ଆଲୋଚିତ ହେଉଛି । ସମ୍ବାଦ ଶିର୍ଷକ 'ରକ୍ତଦାନ' ଶିବିର ଏବଂ ''ତର୍କ ପ୍ରତିଯୋଗିତା'' ବ୍ୟତିରେକ ଏ ଖବର ନିଶ୍ଚିତ ସ୍ୱାଗତଯୋଗ୍ୟ ।

**ଗ୍ରୀସ୍ ସଂକଟ ଅନ୍ତରାଳେ :**

ତା ହେଲେ ଗ୍ରୀସ୍ ସଙ୍କଟର ପଛଭୂମି କ'ଣ ? ଗୋଟିଏ ନିଜିଷ ସମତେ ଜାଣନ୍ତି ଯେ ଗତ ଜୁନ୍ ୨୯ ତାରିଖରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଗ୍ରୀସ୍‌ରେ ସମସ୍ତ ବ୍ୟାଙ୍କ୍ ବନ୍ଦ ରହିଥିଲା । ଏଟିଏମ୍ କାଉଣ୍ଟରଗୁଡ଼ିକ ଖୋଲାଥିଲେ ମଧ ସେଥିରୁ ଟଙ୍କା ଉଠାଇବାର କଟକଣା ଥିଲା (ଦିନକୁ ୬୦ ୟୁରୋ) । ଐତିହ ସମ୍ପନ୍ନ ସହର ଏଥେନ୍ସ୍‌ର ୨୦ ପ୍ରତିଶତ ଦୋକାନ ବନ୍ଦ ରହିଥିଲା । ଆପଣଙ୍କ ବ୍ୟାଙ୍କ୍ ଖାତାରେ ଜମାରାଶି ଥିବ ଅଥଚ ଆପଣ ପଇସା ଉଠାଇବାର ଅଧିକାର ନ ଥିବ । ଏପରି ପରିସ୍ଥିତି କିଏ କେବେ ସାମନା କରିଛନ୍ତି କି ? ଗ୍ରୀସ୍‌ରେ ଏ ପରିସ୍ଥିତି ଲାଗି ରହିଛି ।

କାରଣ ହେଉଛି ଗ୍ରୀସ୍ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ଏକ ପ୍ରକାର ଦେବାଳିଆ ହୋଇଛି । ୨୦୦୮ ମସିହାର ଆର୍ଥିକ ସଙ୍କଟ ପରଠାରୁ ଗ୍ରୀସ୍ ଅର୍ଥନୀତି ବର୍ତ୍ତମାନ ଋଣ ଉପରେ ନିର୍ଭରଶୀଳ ହୋଇ ରହିଛି । ବର୍ତ୍ତମାନ ଗ୍ରୀସ୍‌ର ସାମଗ୍ରୀକ ଋଣର ପରିମାଣ ତା'ର GDP ର ୧୮୦ ପ୍ରତିଶତ । ଆମେ ଆଗରୁ ଶୁଣୁଥିଲେ ଏବଂ ସମ୍ମିଳନୀରେ ଆଲୋଚନା ମଧ କରୁଥିଲେ ଯେ ଗ୍ରୀସ୍‌ରେ ଧର୍ମଘଟ ହେଉଛି, ଖର୍ଚ୍ଚକାଟ ଉପରେ ପ୍ରାଧାନ୍ୟ ଦିଆଯାଉଛି ଇତ୍ୟାଦି ଇତ୍ୟାଦି ..... । ସମସ୍ତେ ତାକୁ ଏକ ଚିରାଚରିତ, ବାମପନ୍ଥୀ କାହାଣୀମାଳା ହିସାବରେ ବିବେଚନା କରିଆସୁଥିଲେ । ମାତ୍ର ତାହା ଯେ କେତେ ଅନ୍ତର୍ଭେଦୀ ଏବଂ ସର୍ବଗ୍ରାସୀ ହୋଇପାରେ, ୨୦୧୫ ମସିହାରେ ଘଟଣାକ୍ରମ ତା'ର ସାକ୍ଷ୍ୟ ବହନ କରୁଛି ।

**April 2010ରୁ ଜୁଲାଇ ୨୦୧୫**

ଏପ୍ରିଲ୍ ୨୦୧୦ ମସିହାରୁ ଜୁଲାଇ ୨୦୧୫ ଏଇ ପାଞ୍ଚବର୍ଷ ମଧରେ ଗ୍ରୀସ୍‌କୁ ''Bail-out Package'' ମାଧମରେ ଋଣ ମିଳିଛି ''326 ବିଲିୟନ୍ ୟୁରୋ'' ଗ୍ରୀସ୍‌ର ଅର୍ଥନୀତି ବର୍ତ୍ତମାନ ଋଣର ଭିତ୍ତି ଉପରେ ପର୍ଯ୍ୟବେସିତ । ଏପ୍ରିଲ୍ ୨୦୧୦ ମସିହାରେ ପ୍ରଥମେ ଗ୍ରୀସ୍‌ର ଅର୍ଥନୀତିକୁ 'ମାନ୍ଦା' ଅର୍ଥନୀତି ଘୋଷଣା କରାଗଲା । ବିଭିନ୍ନ Credit Rating Agency ମାନଙ୍କ ମାଧମରେ ସେ ସମୟରେ ତା'ର ଋଣ ଏବଂ GDP ର ଅନୁପାତ ଥିଲା ୧୦୯ ପ୍ରତିଶତ । ଏଣୁ ସେ ସଙ୍କଟରୁ ମୁକୁଳିବା ପାଇଁ European Commission, European Central Bank ଏବଂ IMF [ ବର୍ତ୍ତମାନ ଯାହାକୁ (Troika) କୁହାଯାଉଛି] ମିଳିତ ଭାବରେ ବିଲିୟନ୍ ୟୁରୋ Bail-out ପ୍ୟାକେଜ୍ ମାଧମରେ ପ୍ରଦାନ କଲେ । TROIKA ର ତିନିଟି ସର୍ତ୍ତ ଥିଲା।

(୧) Austerity Measure (ବା) ମିତବ୍ୟୟିତା

(୨) Strengthen Reform

(୩) Privatisation of Government Assets.

ଦେଢ଼ବର୍ଷ ପରେ Bail-out Package ର ପରିଣାମ ସ୍ୱରୂପ ଗ୍ରୀସ୍ ଅର୍ଥନୀତି ଆହୁରୀ ମାନ୍ଦାବସ୍ଥା ଦେଇ ଗତି କଲା । ପୁଣି ସଂକଟରୁ ମୁକୁଳିବା ପାଇଁ ଅର୍ଥାତ୍ ଗ୍ରୀସ୍‌କୁ Bail-out କରିବା ପାଇଁ TROIKA 130 ବିଲିୟନ ୟୁରୋ ଋଣ ପ୍ରଦାନ କଲା । ଋଣରୁ ମୁକୁଳିବା ପାଇଁ ଋଣ । ଏଣୁ ଗ୍ରୀସ୍‌ର ସମୁଦାୟ ଋଣ ପରିମାଣ ହେଲା ୨୪୦ ବିଲିୟନ୍ ୟୁରୋ । ଏଥର ସର୍ତ୍ତାବଳୀ ଥିଲା ଆହୁରୀ କଠିନ । ଯଥା ଚାକିରୀ ସଂକୋଚନ, ଶିକ୍ଷା ସ୍ୱାସ୍ଥ୍ୟ ଉପରେ କର, ପେନ୍‌ସନ୍ ଉପରେ ଲଗାମ ଏବଂ ସରକାରୀ ସମ୍ପତ୍ତି ବିକ୍ରି ।

ସୁତରାଂ ''Bail-out'' ପ୍ୟାକେଜ୍ ଗ୍ରୀସ୍‌କୁ ସଂକଟରୁ ଉଦ୍ଧାର କରିବା ପରିବର୍ତ୍ତେ ଗ୍ରୀସ୍‌କୁ ସଂକଟାଭିମୁଖୀ କଲା । କାରଣ ଥିଲା ଋଣ ପ୍ରଦାନକାରୀ ସଂସ୍ଥା (TROIKA) ପ୍ରଦାନ କରୁଥିବା ଋଣ ଗ୍ରୀସ୍‌ର ଅର୍ଥନୀତିକୁ ଉଦ୍ଧାର କରିବା ପରିବର୍ତ୍ତେ ଜର୍ମାନୀ ଏବଂ ଫ୍ରାନ୍ସର ବ୍ୟାଙ୍କ୍‌ଗୁଡ଼ିକୁ (ଯେଉଁମାନେ ଗ୍ରୀସ୍‌ରେ ଅବସ୍ଥାପିତ) ଉଦ୍ଧାର କରିବାରେ ବ୍ୟଗ୍ର ରହିଲେ । ଅର୍ଥନୀତି ବିପନ୍ନ ହୋଇ Debt to GDP ର ଅନୁପାତ ବୃଦ୍ଧି ପାଇଲା ୧୪୬ ପ୍ରତିଶତକୁ ।

**ଅସହାୟ ସାଇପ୍ରାସ୍ :**

କ୍ରମାଗତ ବିପନ୍ନ ଅର୍ଥନୀତି ମଧରେ ଗ୍ରୀସ୍‌ରେ ଅନେକ ସରକାରର ପତନ ହୋଇଛି । ଧର୍ମଘଟ, ଖର୍ଚ୍ଚକାଟର ଅଣନିଶ୍ୱାସୀ ଅର୍ଥନୈତିକ ପଛଭୂମିରେ ଜାନୁୟାରୀ ୨୦୧୫ରେ ବାମପନ୍ଥୀ ଦଳ ''ସିରିଜା'' କ୍ଷମତାକୁ ଆସିଲା ଏବଂ Alexis Tsipras ପ୍ରଧାନମନ୍ତ୍ରୀ ହେଲେ । କ୍ଷମତାକୁ ଆସିବାପାଇଁ ଯେଉଁ ବିପୁଳ ଜନସମର୍ଥନ ସେ ପାଇଥିଲେ ତା'ର ଆଧାର ଥିଲା ''ANTI-AUSTERITY'' ରଣଜାଳ ଏବଂ ଖର୍ଚ୍ଚକାଟରେ ଅଣନିଃଶ୍ୱାସୀ ଜନତା ସାଇପ୍ରାସଙ୍କଠାରେ ଏକ ନୂତନ ସମ୍ଭାବନା ପ୍ରତ୍ୟୟ କରିଥିଲେ । ମାତ୍ର ପୁଞ୍ଜିବାଦର କ୍ରୁର ଏବଂ ନିଷ୍ଠୁର ପ୍ରହାର ସମସ୍ତ ସମ୍ଭାବନାକୁ ଅସହାୟ କରିପକାଏ ତା'ର ଜ୍ୱଳନ୍ତ ପ୍ରମାଣ ନିକଟ ଅତୀତର ଘଟଣାବଳୀରୁ ସ୍ପଷ୍ଟ ହେବ । TROIKA ଦେଇଥିବା ୨୪୦ ବିଲିୟନ୍ ୟୁରୋ ଋଣ ପରିଶୋଧ କରିବାର ସମୟ ସୀମା ଥିଲା ଜାନୁୟାରୀ ୨୦୧୫ । କିନ୍ତୁ ଫେବୃୟାରୀ ୨୦୧୫ରେ Eurozone ଋଣପରିଶୋଧର ଅବଧି ଚାରିମାସ ଅର୍ଥାତ୍ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବଢ଼ାଇବା ପାଇଁ ସମ୍ମତି ପ୍ରଦାନ କରିଥିଲା । ଜୁନ୍ ୩୦ ତାରିଖରେ ସେ ଅବଧି ସମାପ୍ତ

ହେଲା ଏବଂ ଗ୍ରୀସ୍ IMF ର ଋଣ ପରିଶୋଧ କରିବାରେ ବିଫଳ ହୋଇଥିଲା ।

ଜୁନ୍ ୨୯ ତାରିଖରୁ ଗ୍ରୀସ୍‌ରେ ବ୍ୟାଙ୍କ୍ ଶାଖାଗୁଡ଼ିକ ପ୍ରଥମେ ସାତଦିନ ପାଇଁ ବନ୍ଦ ରହିଲା । ଏଇଠାରୁ ଆରମ୍ଭ ହେଲା ସାଇପ୍ରାସ୍‌ଙ୍କ ଅସହାୟତା । ଋଣ ପରିଶୋଧ ପାଇଁ ଗ୍ରୀସ୍ ଉପରେ TROIKA ପକ୍ଷରୁ ଚାପ ପଡ଼ିଲା । ଏବଂ ଗ୍ରୀସ୍‌ର ସେ ସାମର୍ଥ୍ୟ ନ ଥିଲା । ପରିଶେଷରେ ଗ୍ରୀସ୍ ପାଇଁ ଏକମାତ୍ର ବିକଳ୍ପ ରହିଲା ପୁଣି ଋଣ ଆଣିବା ନଚେତ୍ ୟୁରୋଜୋନ୍‌ରୁ ବାହାରିଯିବା ।

ୟୁରୋଜୋନ୍‌ର ଦେଶଗୁଡ଼ିକ ଅନେକ ଆଲୋଚନା ପରେ ପୁଣି ୮୬ ବିଲିୟନ୍ ୟୁରୋର ସହାୟତା ଦେବାପାଇଁ ରାଜିହେଲେ ମାତ୍ର ପ୍ରତିଦାନରେ ଯେଉଁ ସର୍ତ୍ତ ରଖିଲେ ତା ହେଉଛି –

(୧) ପେନ୍‌ସନ୍ ବ୍ୟବସ୍ଥାର ସଂକୋଚନ (୨) ସରକାରୀ କର୍ମଚାରୀ ଛଟେଇ (୩) ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ ଟିକସ ବୃଦ୍ଧି, (୪) ଅର୍ଥନୀତିରେ ସଂସ୍କାର (୫)ଅବସର ବୟସ ସୀମା ବୃଦ୍ଧି, (୬) ସରକାରୀ ସମ୍ପତ୍ତି ବିକ୍ରି, (୭) ଜନତାଙ୍କ ଟିକସ ବୃଦ୍ଧି ଏପରିକି ଅନ୍ତ୍ୟେଷ୍ଟିକ୍ରିୟା ସାମଗ୍ରୀ ଉପରେ ୨୩%ର ଟିକସ୍ ଇତ୍ୟାଦି ... ANTI BAILOUT ଏବଂ ANTI AUSTERITY ଆଧାରରେ ନିର୍ବାଚିତ ହୋଇଥିବା ସାଇପ୍ରାସ୍ ଏବଂ ଗ୍ରୀସ୍‌ବାସୀଙ୍କ ପାଇଁ ଏ ପରିସ୍ଥିତି ଏବଂ ସର୍ତ୍ତାବଳୀ ଅତ୍ୟନ୍ତ ବିଷମ ।

## ଐତିହାସିକ ଗଣଭୋଟ୍ :

ସାଇପ୍ରାସ୍ ଏବଂ ଗ୍ରୀକ୍ ବାସୀଙ୍କ ପାଇଁ ଏ ସମସ୍ୟା ଥିଲା ଗୋହତ୍ୟା ବ୍ରହ୍ମହତ୍ୟା ସଦୃଶ । ଏଣେ ଆନ୍ତର୍ଜାତୀୟ ମହାଜନୀ ସଂସ୍ଥାର ଋଣ ପରିଶୋଧ ବ୍ୟତିରେକ ଅନ୍ୟ ପନ୍ଥା ନ ଥିଲା । ଋଣ ପରିଶୋଧ ପାଇଁ ଋଣ ଥିଲା ଏକମାତ୍ର ପନ୍ଥା । କାରଣ ଋଣଯନ୍ତାରେ ଗ୍ରୀସ୍ ଏପରି ଭାବରେ ଆବଦ୍ଧ ହୋଇଥିଲା ଯେ ଋଣ ହିଁ ତା'ର ଅର୍ଥନୀତିର ଭିତ୍ତି ହୋଇସାରିଥିଲା । ଋଣ ପାଇଁ ସର୍ତ୍ତଗୁଡ଼ିକ ଥିଲା ଅତ୍ୟନ୍ତ କଠୋର ଏବଂ ଅମାନବୀୟ । ତା'ର ବିକଳ୍ପ ଥିଲା ୟୁରୋଜୋନ୍‌ରୁ ଗ୍ରୀସ୍‌ର ବିଦାୟ । ତାହା ମଧ୍ୟ ଥିଲା ଅତ୍ୟନ୍ତ କଠିନ । କାରଣ ହଠାତ୍ ୟୁରୋଜୋନ୍‌ରୁ ବାହାରି ଏକଘରିଆ ହେବା ପରେ ନିଜର ମୁଦ୍ରା ପ୍ରଚଳନ କଲେ ସୁଦ୍ଧା ଗ୍ରୀସ୍‌ର ଅର୍ଥନୀତି ସୁଧୁରିବା ଅତ୍ୟନ୍ତ ଜଟିଳ । ତା'ଛଡ଼ା ଋଣ ପ୍ରଦାନକାରୀ ସଂସ୍ଥା କୌଣସି ପରିସ୍ଥିତିରେ ଋଣଛାଡ଼ କରିବେ ନାହିଁ ।

ଏପରି ଅସହାୟତା ମଧ୍ୟରେ ସାଇପ୍ରାସ୍ ଜୁଲାଇ ୫ ତାରିଖରେ ଐତିହାସିକ ଗଣଭୋଟ୍‌ର (Referrendrum)ର ଆଶ୍ରୟ ନେଲେ । ଆଉ ଏକ ପର୍ଯ୍ୟାୟ Bail-out (86 ବିଲିୟନ୍‌ୟୁରୋ) ପାଇଁ ପ୍ରସ୍ତାବିତ AUSTERITY ଉପରେ ଏ ଗଣଭୋଟ୍ ପର୍ଯ୍ୟବେସିତ ଥିଲା । ଅତ୍ୟନ୍ତ ଭାବବିହ୍ୱଳିତ ହୋଇ ସାଇପ୍ରାସ୍ ଗ୍ରୀସ୍‌ବାସୀଙ୍କୁ ଯେଉଁ ଆହ୍ୱାନ ଦେଇଥିଲେ ତା'ର କିଛି ଅଂଶ....।

Fellow Greeks, to the black mailing of the ultimatum that asks us to accept a severe and degrading austerity without end and without any prospect for a social and economic recovery....

To Authoritarianism and harsh austerity we will respond with democracy, calmly & decisiverely....
For us, for future generation, for the history of the Greeks,
For the sovereignty and dignity of our people...

ସାଇପ୍ରାସ୍‌ଙ୍କ ଆହ୍ୱାନକୁ ସମ୍ମାନ ଦେଇ ଗ୍ରୀକ୍‌ବାସୀ ଜୁଲାଇ ୫ ତାରିଖରେ ବିପୁଳ ସଂଖ୍ୟାରେ ଘୃଣ୍ୟ ସର୍ତ୍ତ ଏବଂ Austerity ବିରୁଦ୍ଧରେ ମତଦାନ କଲେ । ମାତ୍ର ଏ ଗଣଭୋଟ୍ ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ସହ ସାଇପ୍ରାସ୍‌ଙ୍କ ଆନୁଗତ୍ୟର ପରିଚିତି ପ୍ରଦାନ କରିପାରେ । ମାତ୍ର ଆନ୍ତର୍ଜାତୀୟ ପୁଞ୍ଜି, ପୁଞ୍ଜିବାଦୀ ସଭ୍ୟତା ପାଇଁ ଏ ଗଣଭୋଟ୍ ଏବଂ ଗଣତନ୍ତ୍ରର କିଛି ମାନେ ନ ଥାଏ । ଗଣତନ୍ତ୍ରର ଐତିହାସିକ ନିଦର୍ଶନ ସତ୍ତ୍ୱେ ଗ୍ରୀସ୍‌ବାସୀ ଏବଂ ସାଇପ୍ରାସ୍ TROIKA ଆଗରେ ସମର୍ପଣ କରିବାକୁ ବାଧ୍ୟ ହେଲେ । **ସାମ୍ରାଜ୍ୟବାଦ ଅଭିପ୍ରେତ ପୁଞ୍ଜିଙ୍କ ଆନ୍ତର୍ଜାତୀୟ ବିତ୍ତୀୟ ସଂସ୍ଥାର ନିଷ୍ଠୁର ପ୍ରହାର ଆଗରେ ଗଣତନ୍ତ୍ର ଯେ କେତେ ଅସହାୟ, ତାର ଜ୍ୱଳନ୍ତ ପ୍ରମାଣ ହେଉଛି ଗ୍ରୀସ୍‌ର ଏହି ଜନାଦେଶ । ହାୟ ସାଇପ୍ରାସ୍, ହାୟ! ଏଥେନ୍‌ସ ।**

## ଭାରତ ପାଇଁ ଶିକ୍ଷା :

ଗ୍ରୀସ୍‌ର ଏ ପରିସ୍ଥିତିରୁ ଭାରତ ସମେତ ସମଗ୍ର ବିଶ୍ୱବାସୀ ଶିକ୍ଷାଗ୍ରହଣ କରିବା ଉଚିତ୍ । ପ୍ରଥମତଃ ଅର୍ଥନୈତିକ ଉଦାରୀକରଣ ବା ଆର୍ଥିକ ସଂସ୍କାର କେବେ କୌଣସି ଦେଶର ସାଧାରଣ ଜନତାର ସ୍ୱାର୍ଥସାଧନ କରେ ନାହିଁ । ଏ ସଂସ୍କାର ସର୍ବସ୍ୱ ନୀତି ଅର୍ଥନୀତିକୁ ଦାରିଦ୍ର୍ୟର ଗର୍ଭଗୃହକୁ ନିକ୍ଷେପ କରିଥାଏ । ସରକାରୀ ସମ୍ପତ୍ତି ଉପରେ ଘରୋଇ ମାଲିକାନାକୁ ଅଗ୍ରାଧିକାର କିପରି ଦେଶ ଏବଂ ଜନତାଙ୍କ ପାଇଁ ସର୍ବଗ୍ରାସ ହୁଏ ସେଥିରୁ ମୋଦି ସରକାର ଶିକ୍ଷା ଗ୍ରହଣ କରିବା ଉଚିତ୍ । ମୋଦିଙ୍କ ସଦ୍ୟ ପରିଚାଳିତ ଅର୍ଥନୀତି ଯେ ଭାରତକୁ ଭବିଷ୍ୟତରେ ଏକ ଗ୍ରୀସ୍‌ରେ ରୂପାନ୍ତରିତ କରିବ, ଏହା ନିଃସନ୍ଦେହ । ତା ଛଡ଼ା ଏ ଗଣଭୋଟ୍ ମଧ୍ୟ ମୋଦିଙ୍କ ପାଇଁ ଶିକ୍ଷଣୀୟ ହେବା ଉଚିତ୍ । ଏକ ଆର୍ଥିକ ନୀତି ଗ୍ରହଣ ବା ପରିହାର ପାଇଁ ସାଇପ୍ରାସ୍ ଗଣଭୋଟ୍‌ର ଆଶ୍ରୟ ନେଇଥିଲେ । ମାତ୍ର ଆମର ସରକାର ଦେଶର ଆର୍ଥିକ ସାର୍ବଭୌମତତ୍ତ୍ୱର ସୁରକ୍ଷା ଓ ପ୍ରଚଳିତ ନିତିନିୟମର ସୁରକ୍ଷା ପରିବର୍ତ୍ତେ ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିଚାଲିଛନ୍ତି । ସାମ୍ବିଧାନିକ ବିଧିବ୍ୟବସ୍ଥା ବଦଳରେ ମୋଦି ସରକାର ନିଜକୁ ଅଧ୍ୟାଦେଶର ସରକାରରେ ପରିବର୍ତ୍ତନ କରିଚାଲିଛନ୍ତି । କେବଳ ପୁଞ୍ଜି ଏବଂ ପୁଞ୍ଜିବାଦୀଙ୍କ ଚାପରେ ଶାସନ ଚାଲିଛି । ଏ ସମସ୍ତ ମଧ୍ୟରେ କେବଳ ଆଶ୍ୱସ୍ତିର ବିଷୟ ଯେ AIIEA ପରି ଟ୍ରେଡ୍‌ୟୁନିୟନ୍ ଆଜି ମିଳିତ ଭାବରେ ଏ ସରକାର ବିରୁଦ୍ଧରେ ଯୁଦ୍ଧଂ ଦେହିର ଡାକରା ଦେଇଛି ଏବଂ ପ୍ରତିରୋଧର କଳେବର ବୃଦ୍ଧିପାଇବାରେ ଲାଗିଛି । ହୁଏତ ସେପ୍ଟେମ୍ବର ୨ ତାରିଖରେ ସର୍ବଭାରତୀୟ ଧର୍ମଘଟ ଆମ ପାଇଁ ସାଇପ୍ରାସ୍‌ଙ୍କ ଆହ୍ୱାନ ସଦୃଶ ହେବ ।

❖❖❖

## UNHAPPY INDIA

According to World Happiness Report 2015, happiness helps us live longer, healthier, and more productive lives, and cultivating that emotion early in life is key. But, all things considered, it doesn't look good for India. Already rated an unhappy place in 2014 with a ranking of 111, the country dropped six places to 117 out of 158 countries ranked in the 2015 list, which took into account data from 2012-2014, and was as usual dominated by wealthy Nordic countries. Surprisingly India is behind China (84) Bangladesh (109) Pakistan (81) and Palestine (108).



# ଜନଗଣଙ୍କ ସେବାରେ ଉତ୍ସର୍ଗୀକୃତ ରାଷ୍ଟ୍ରାୟତ୍ତ ସାଧାରଣ ବୀମା

**ବାମଦେବ ମିଶ୍ର, ଯୁଗ୍ମ ସମ୍ପାଦକ, OSGIEA**

୧୯୭୩ ମସିହା ମେ ୧୩ ତାରିଖ ଭାରତୀୟ ଅର୍ଥନୀତିରେ ଏକ ଉଜ୍ଜ୍ୱଳ ତାରକାରୂପେ ଉଦ୍‌ଭାସିତ ହୋଇଥିଲା ଭାରତୀୟ ସାଧାରଣ ବୀମା ନିଗମ ବା General Insurance Corporation (GIC) ୫୬ଟି ଭାରତୀୟ ଏବଂ ୫୧ଟି ବିଦେଶୀ ସାଧାରଣ ବୀମା କମ୍ପାନୀ ସେବା ନାମରେ କେବଳ ନେବାରେ ନିମଗ୍ନ ରହିବା ହେତୁ ଜନଗଣ, ବୀମା ଧାରୀ ଏବଂ ସର୍ବାଗ୍ରେ ସେହି ସଂସ୍ଥାମାନଙ୍କରେ କାର୍ଯ୍ୟରତ କର୍ମଚାରୀ ସଙ୍ଗଠନ ଅଖିଳ ଭାରତ ବୀମା କର୍ମଚାରୀ ସଂଘର ଦୀର୍ଘ ଦିନର ଦାବିକୁ ସମ୍ମାନ ଜଣାଇ କେନ୍ଦ୍ର ସରକାର ସେ ସମସ୍ତ ୧୦୭ଟି କମ୍ପାନୀକୁ ନିଜ ନିୟନ୍ତ୍ରଣକୁ ନେବାରେ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ ତାହାର ଫଳ ସ୍ୱରୂପ GICର ସୃଷ୍ଟି ହେଲା ଏବଂ ସେହି ଦିନଠାରୁ ତାହା ଅଧିନରେ ୪ଟି ସରକାରୀ ବୀମା କମ୍ପାନୀ ଯଥା ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ, ନ୍ୟାସନାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ, ଓରିଏଣ୍ଟାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ ଦେଶର ଜନଗଣଙ୍କ ସେବାରେ ଏବଂ ଅର୍ଥନୀତିର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରି ପ୍ରଗତିର ସୋପାନ ପରେ ସୋପାନ ଅତିକ୍ରମ କରିଚାଲିଛନ୍ତି ।

କିନ୍ତୁ ନୂତନ ଅର୍ଥନୀତିର ପ୍ରବେଶ ଫଳରେ କେନ୍ଦ୍ର ସରକାର ଜଗତୀକରଣ ଏବଂ ଘରୋଇକରଣ ପ୍ରଭାବରେ ପ୍ରଭାବିତ ହୋଇ ସରକାରଙ୍କର ଏକଚାଟିଆ ବ୍ୟବସାୟ ଅନ୍ତର୍ଗତ ବୀମା ବ୍ୟବସାୟକୁ ୨୦୦୦ ମସିହାରେ ଦେଶୀ ବିଦେଶୀ କମ୍ପାନୀମାନଙ୍କ ପାଇଁ ଉନ୍ମୁକ୍ତ କଲେ । ଆଜିର ଦିନରେ ସାଧାରଣ ବୀମାରେ ବିଦେଶୀ-ଘରୋଇ ଭାଗିଦାରୀରେ ୨୬-୭୪ ଅନୁପାତରେ ୨୨ଟି ବୀମା କମ୍ପାନୀ କାର୍ଯ୍ୟ କରୁଥିବା ବେଳେ ଜୀବନ ବୀମାରେ ସେହିଭଳି ୨୪ଟି କମ୍ପାନୀ କାର୍ଯ୍ୟ କରୁଅଛି ।

ଏହି ୨୨ଟି ବୃହତ୍ କମ୍ପାନୀ ସହିତ ପ୍ରତିଯୋଗିତା କରୁଥିଲେ ମଧ ସରକାରୀ ସାଧାରଣ ବୀମା କମ୍ପାନୀମାନେ ପ୍ରଗତିରୁ ପଛକୁ ହଟି ନାହାନ୍ତି । ଏହା ନିର୍ବିବାଦୀୟ ଯେ ବୀମା ବ୍ୟବସାୟ ରାଷ୍ଟ୍ରର ଅର୍ଥନୀତି ସହିତ ପ୍ରଚ୍ଛନ୍ନ ଭାବରେ ଜଡ଼ିତ । ଏହା ମଧ ସତ୍ୟ ଯେ ଆମ ଦେଶର ଅର୍ଥନୀତି ଦୁର୍ବଳ । ତା' ସତ୍ତ୍ୱେ ସେମାନେ ଆଭ୍ୟନ୍ତରୀଣ ସାଧାରଣ ବୀମା ବ୍ୟବସାୟରେ ୫୫% ବଜାର ଦଖଲ କରିଛନ୍ତି । ସରକାରଙ୍କଠାରୁ ମାତ୍ର ୧୯.୫୦ କୋଟି ଟଙ୍କା ବିନିଯୋଗରେ ଆରମ୍ଭ ହୋଇଥିବା ଏହି ସଂସ୍ଥାମାନେ କେନ୍ଦ୍ର ସରକାରଙ୍କୁ ପ୍ରତ୍ୟେକ ବର୍ଷ ହଜାର ହଜାର କୋଟି ଟଙ୍କାର ଲାଭାଂଶ ପ୍ରଦାନ କରୁଛନ୍ତି କେବଳ ୨୦୧୩-୨୦୧୪ ଆର୍ଥିକ ବର୍ଷରେ ସେମାନେ କେନ୍ଦ୍ର ସରକାରଙ୍କୁ ୪୨୫୯୧.୧୬ କୋଟି ଟଙ୍କାର ଲାଭାଂଶ ଦେଇଛନ୍ତି । ଯଦି ଜାତୀୟ କରଣ ସମୟରୁ ବିଚାର କରାଯାଏ ତେବେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀମାନଙ୍କର ଦେଶର ଭିତ୍ତିଭୂମି ବିକାଶ ଏବଂ ଆର୍ଥିକ ସ୍ଥିତିପାଇଁ ଅବଦାନର ଏକ ଆତ୍ମତୃପ୍ତି ହେବାଭଳି ତଥ୍ୟ ଆସିବ ।

୧୯୭୩ରେ ବୀମା ରାଶିରୁ ଆୟ ୧୮୪.୨୬ କୋଟି ଟଙ୍କା ଥିଲା ବେଳେ ୩୧.୦୩.୨୦୧୪ରେ ଏହା ୩୮, ୫୯୯.୭୧ କୋଟି ଟଙ୍କା ହୋଇଛି । ୩୧.୦୩.୨୦୧୫ରେ ୪୨,୫୧୪.୩୩ କୋଟି ଟଙ୍କାରେ ପହଞ୍ଚିଛି । ଏଠାରେ ମଧ୍ୟ ଉଲ୍ଲେଖ ଯୋଗ୍ୟ ଯେ କେନ୍ଦ୍ର ସରକାର ମହାସୁଲ ତାଲିକା (ପ୍ରିମିୟମ୍ ତାରିଫ୍) ଉଚ୍ଛେଦ କଲାପରେ କମ୍ପାନୀମାନେ ବୀମା ଧାରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ବୀମା ରାଶିକୁ କମ୍ କରି ଦେଉଛନ୍ତି । ଫଳରେ ବୀମା ରାଶିରୁ ରାଷ୍ଟ୍ରୀୟ ଉପର୍ଜନ ମଧ୍ୟ କମୁଛି । ଏହାକୁ ପୁଣି ଚାଲୁରଖିବା ପାଇଁ ବିଭିନ୍ନ ସଂଘ ଓ ଜନସାଧାରଣଙ୍କର ତରଫରୁ ବାରମ୍ବାର ଦାବି ହୋଇ ଆସୁଅଛି । ସେହିଭଳି ପୁଞ୍ଜି ବିନିଯୋଗ ପରିମାଣ ୩୫୪.୭୩ କୋଟି ଟଙ୍କାରୁ ୧,୦୨,୨୦୭,୨୯ କୋଟି ଟଙ୍କା । ଅଫିସ୍ ସଂଖ୍ୟା ୭୮୯ରୁ ୭୭୮୯ ଏବଂ ବୀମା ରାଶି ପ୍ରଦାନ ୭.୯୮ ଲକ୍ଷରୁ ୫୮.୦୬ ଲକ୍ଷରେ ପହଞ୍ଚିଛି । କେବଳ ସେତିକି ନୁହେଁ । ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଥମେ ୨ ବର୍ଷରେ ୪,୭୭,୧୨୫ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲା ବେଳେ ୨୦୧୪-୧୫ ବର୍ଷରେ ୩୦,୦୦୦,୦୦ କୋଟି ପ୍ରଦାନ କରିଛନ୍ତି । ମହାବାତ୍ୟା, ଫାଇଲିନ୍, ଭୂମିକମ୍ପ ପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ବୀମା ସହାୟତାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ମଧ୍ୟ ଗ୍ରହଣ କରନ୍ତି । ଲୋକମାନଙ୍କୁ ଅତି ନିକଟରେ ସେବା ଦେବା ପାଇଁ ସେମାନେ ଗ୍ରାମାଞ୍ଚଳରେ ମଧ କାର୍ଯ୍ୟାଳୟ ମାନ ଖୋଲିଛନ୍ତି । କିନ୍ତୁ ଘରୋଇ କମ୍ପାନୀମାନେ ଗ୍ରାମାଞ୍ଚଳ କଥା ଦୂରେ ଥାଉ ସମସ୍ତ ଜିଲ୍ଲା ମୁଖ୍ୟ କେନ୍ଦ୍ରରେ ମଧ ଅଫିସ୍ ଖୋଲିନାହାନ୍ତି । ଏକ ଛୋଟ ଗଛରୁ ମହାଦ୍ରୁମରେ ପରିଣତ ହୋଇଥିବା ସାଧାରଣ ବୀମାର ୪ଟି ସଂସ୍ଥା କେନ୍ଦ୍ର ସରକାରଙ୍କୁ ଆହୁରି ଲାଭ ଦେଇ ବୀମା ଧାରୀଙ୍କୁ ଅଧିକ ଉନ୍ନତ ମାନର ସେବା ଦେବାରେ ସଫଳ ହେବାପାଇଁ ୪ଟି ଯାକ କମ୍ପାନୀକୁ ମିଶାଇ ଗୋଟିଏ କମ୍ପାନୀରେ ପରିଣତ କରିବାକୁ ସବୁ ଶ୍ରେଣୀର କର୍ମଚାରୀ, ବୀମା ଧାରୀ ଏବଂ ଜନଗଣ ଦାବି କରୁଆସୁଥିଲେ ମଧ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ନ ଦେବା ଗଭୀର ଦୁଃଖ ଓ ପରିତାପର ବିଷୟ । ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରାଷ୍ଟ୍ରର ସମ୍ପତ୍ତି । ରାଷ୍ଟ୍ରୀୟ ସମ୍ପତ୍ତିକୁ ସୁରକ୍ଷିତ ରଖି ଏହାର ଲାଭକୁ ଲୋକଙ୍କ ସେବାରେ ବିନିଯୋଗ କରି ରାଷ୍ଟ୍ର ନିର୍ମାଣରେ ସାହାଯ୍ୟ କରିବା ପାଇଁ କେନ୍ଦ୍ର ସରକାର ସାଧାରଣ ବୀମାର ଚାରିଟି କମ୍ପାନୀକୁ ମିଶାଇ ଜୀବନ ବୀମା ଭଳି ଏକକ କମ୍ପାନୀରେ ପରିଣତ କରିବାର ଉତ୍କୃଷ୍ଟ ସମୟ ଆସିଛି । ଆଶାରଖିଛୁ, ଏପରି ଏକ ଜନହିତକର ଦାବି ପ୍ରତି କେନ୍ଦ୍ର ସରକାର ନିଶ୍ଚୟ ବିଚାର କରି ଜନସେବାର ଧାରାକୁ ତ୍ୱରାନିତ କରିବେ ।

❖❖❖

## ABYSMAL HUMAN DEVELOPMENT

The Human Development Index (HDI) is a composite statistic of life expectancy (a long and healthy life), education (access to knowledge), and per capita income indicators (a decent standard of living).

Sorrowfully, the Human Development Report (2014) has ranked India appallingly at 135 in a' list of 187 countries. The report has noted that countries with GDPs lower than that of India at present have performed better in providing social security to its peoples. At 135, India's position too is the same as it was in 2012.



# ଭାଷଣ-ଭ୍ରମଣ-ଭ୍ରମର ଏକ ବର୍ଷ

**ଅଭୟ କୁମାର ଦାସ, ସାଙ୍ଗଠନିକ ସମ୍ପାଦକ, CDIEA**

ଭାରତୀୟମାନେ ଅତି ସରଳବିଶ୍ୱାସୀ ଓ ସ୍ୱପ୍ନବିଳାସୀ । ସ୍ୱପ୍ନ ଦେଖିବାକୁ ଭଲପାଉଥିବା ଭାରତୀୟମାନଙ୍କୁ ଦିନରେ ତାରା ଚାନ୍ଦ ଦେଖାଇବାକୁ ସକ୍ଷମ ହେଲେ ମୋଦି । 'ଆଚ୍ଛା ଦିନ୍ ଆନେ ୱାଲା ହେ', 'ଷାଠିଏ ବର୍ଷରେ ଯାହା ହୋଇନି ଷାଠିଏ ମାସରେ ହେବ', 'ସବ୍‌କା ସାଥ୍ ସବ୍‌କା ବିକାଶ' ଆଦି ସ୍ଲୋଗାନ୍ ଆଜି ବି ଜନମାନସରେ ସତେଜ ଅଛି । କିନ୍ତୁ ବୁଦ୍ଧିଜୀବୀମାନେ ଦେଶବାସୀଙ୍କୁ ପରାମର୍ଶ ଦେଇଥିଲେ ନେତା ପରିବର୍ତ୍ତନରେ ସମସ୍ୟା ଦୂର ହେବ ନାହିଁ । ସମସ୍ୟା ସମାଧାନ ପାଇଁ ନୀତି ପରିବର୍ତ୍ତନ ହେବା ଆବଶ୍ୟକ । କିନ୍ତୁ ସୀମିତ ବୁଦ୍ଧିଜୀବୀଙ୍କ ସ୍ୱର କର୍ପୋରେଟ୍ ଗଣମାଧ୍ୟମ ସାମ୍ନାରେ କ୍ଷୀଣ ହୋଇଥିଲା । ଯାହା ଫଳରେ ପୂର୍ବରୁ ଯେଉଁଭଳି ବିଧାୟକ ନ ହୋଇ ମୋଦି ସିଧା ମୁଖ୍ୟମନ୍ତ୍ରୀ ହୋଇଥିଲେ, ସେହିଭଳି ସାଂସଦ କେବେ ନ ହୋଇ ସିଧାସଳଖ ପ୍ରଧାନମନ୍ତ୍ରୀ ବନିଗଲେ । ଯେଉଁ ସ୍ୱପ୍ନର ଭାରତବର୍ଷ ପାଇଁ ମୋଦି ପ୍ରତିଶ୍ରୁତିର ପାହାଡ଼ ବାଢ଼ି ଦେଇଥିଲେ, ମଇ ୨୫ ତାରିଖରେ ତାହା ଏକ ବର୍ଷ ପୂରଣ ହୋଇଛି । ଆଜି ପ୍ରଶ୍ନଉଠେ ଏକ ବର୍ଷରେ ସ୍ୱପ୍ନ ଏକ ପଞ୍ଚମାଂଶ ବାସ୍ତବାୟିତ ହୋଇଛି ତ? ପ୍ରତିଶ୍ରୁତି ଓ ପାଳନ ମଧ୍ୟରେ ଦୂରତା ବଢ଼ିଯାଇ ନାହିଁ ତ?

ସ୍ୱପ୍ନର ଭାରତବର୍ଷର ଏକ ବର୍ଷ ପୂରଣ ହେବା ପୂର୍ବରୁ ଖୋଦ୍ ସରକାରଙ୍କ ମନରେ ଢ଼େର ସନ୍ଦେହ ଜାତ ହୋଇଛି । ଶାସକ ଦଳର ନେତୃତ୍ୱ ଲାଲ କ୍ରିଷ୍ଣ ଆଡ଼ୱାନୀ, ଅରୁଣ ସୌରୀ, ସାଂସଦ ମେନକା ଗାନ୍ଧି, ଭରତ ସିଂହ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିବା ବେଳେ ରିଜର୍ଭ ବ୍ୟାଙ୍କ୍‌ର ଗଭର୍ଣ୍ଣର ଶ୍ରୀଯୁକ୍ତ ରଘୁରାମ ରାଜନ ଆର୍ଥିକ ଅଭିବୃଦ୍ଧିକୁ ନେଇ ଢେର ସନ୍ଦେହ ପ୍ରକଟ କରିଛନ୍ତି । ତେଣୁ ଦୁର୍ବଳତାକୁ ଢାଙ୍କିବାକୁ ମୋଦି ଛଅଦିନିଆ 'ଜନକଲ୍ୟାଣ ପର୍ବ', ସଫଳତା ତାଲିକାର ପୁସ୍ତିକା ପ୍ରକାଶ କରିଥିବା ବେଳେ ୧୦୦ଟି ଜାଗାରେ ପ୍ରଦର୍ଶନୀ, ପ୍ରତ୍ୟେକ ରାଜ୍ୟର ରାଜଧାନୀରେ ମନ୍ତ୍ରୀମାନଙ୍କ ଦ୍ୱାରା ପ୍ରେସ୍ କନ୍‌ଫରେନ୍ସ, ୨୫୦ଟି ଜାଗାରେ ରାଲି ସହ ବିଜେପିର ୨୮୨ଟି ଯାକ ନିର୍ବାଚନମଣ୍ଡଳୀରେ ସଭା ଅନୁଷ୍ଠିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏସବୁ କାର୍ଯ୍ୟକ୍ରମକୁ ଆକାଶବାଣୀ ଓ ଦୂରଦର୍ଶନ ଜରିଆରେ ପରିବେଷଣ ହେବାକୁ ସ୍ଥିର ହୋଇଛି । ଏଠାରେ ସ୍ୱତଃ ପ୍ରଶ୍ନଉଠେ ଯଦି ଲୋକଙ୍କ ପାଇଁ କାର୍ଯ୍ୟ କରାଯାଇଛି ତେବେ ଦେଶବାସୀ ତ ଖୋଦ୍ ପ୍ରଚାର କରନ୍ତେ । ବରଂ ପ୍ରଚାର ପାଇଁ ବ୍ୟବହୃତ ସମୟ ଓ ଅର୍ଥକୁ ଯଦି ଜନସାଧାରଣଙ୍କ ପାଇଁ ବ୍ୟବହାର କରାଯାଇପାରନ୍ତା, ତେବେ କିଛିଟା ସମସ୍ୟା ସମାଧାନ ହୋଇପାରନ୍ତା ।

ଗୋଟିଏ ସରକାରର ସଫଳତାର ମାପକାଠି ହେଉଛି – ସାମଗ୍ରୀକ ଆର୍ଥିକ ପ୍ରଗତି, ଗଣତନ୍ତ୍ରକୁ ସୁଦୃଢ଼ କରିବାର ସମସ୍ତ ପଦକ୍ଷେପ, ଧର୍ମନିରପେକ୍ଷତା ଓ ଶିକ୍ଷା-ସଂସ୍କୃତିରେ ପ୍ରଗତିଶୀଳ ସଂସ୍କାର । ତେବେ ଗୋଟିଏ ବର୍ଷରେ ମୋଦି ସରକାର ଏସବୁ ଦିଗରେ କେତେଦୂର ଅଗ୍ରସର ହୋଇଛନ୍ତି ଓ କି ଆଭିମୁଖ୍ୟ ପୋଷଣ କରିଛନ୍ତି ତା'ର କିଞ୍ଚିତ୍ ବିହଙ୍ଗାବଲୋକନ କରିବା ଆବଶ୍ୟକ ।

ଆର୍ଥିକ ଦିଗ ଉପରେ ଆଲୋଚନା କଲେ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ତଥା ମୁଦ୍ରାସ୍ଫୀତି, ବେରୋଜଗାରୀ, ସାମାଜିକ କ୍ଷେତ୍ରରେ ବ୍ୟୟବରାଦ ଆଦି ମନକୁ ଆଗେ ଚାଲିଆସେ । ଆଜି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଦରଦାମ ସମସ୍ତଙ୍କ ରୋଷେଇଘରେ ଝଡ଼ ସୃଷ୍ଟିକରୁଛି । ସରକାରଙ୍କ ପ୍ରଥମ ନିର୍ବାଚନ ଇସ୍ତାହାର ଥିଲା ଦରଦାମ ନିୟନ୍ତ୍ରଣ । ଦରଦାମ ନିୟନ୍ତ୍ରଣ ଦୂରର କଥା ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ବି ନେଇନାହାନ୍ତି । ଜାତିସଂଘର ସଦ୍ୟ ତଥ୍ୟ ଅନୁଯାୟୀ ୧୯.୪ କୋଟି ଭାରତୀୟ ଦୈନିକ ଭୋକିଲା ରହନ୍ତି । ଯଦି ନୀତି ପରିବର୍ତ୍ତନ କରାଯାଇଥାଆନ୍ତା ତେବେ ମୁଦ୍ରାସ୍ଫୀତି ରୋକିବାରେ ଏକବର୍ଷ ଯଥେଷ୍ଟ ସମୟ । କେତେ ଦିନ ସରକାର ବନ୍ୟା, ବାତ୍ୟା ନାମରେ ମିଛ କହି ଖସୁଥିବେ । କୃଷିପାଇଁ ଆବଶ୍ୟକ ଜମି, ଜଳ, ବିହନ, ସାର, ଆନୁଷ୍ଠାନିକ ଋଣ, ଶୀତଳଭଣ୍ଡାର, ବଜାର ଉପରେ ସରକାର ଧ୍ୟାନଦେବା ସହ ଯଦି କୃଷିରେ ଆଗୁଆ ବେପାର ଓ ଖୁଚୁରା ବ୍ୟବସାୟରେ ପୁଞ୍ଜିପତିଙ୍କ ପ୍ରବେଶକୁ ନିଷିଦ୍ଧ କରାଯାଆନ୍ତା ତେବେ ତତ୍କାଳ ମୁଦ୍ରାସ୍ଫୀତି ଅନେକାଂଶରେ ହ୍ରାସ ପାଇପାରନ୍ତା । ତୈଳ ଉପରେ ଉତ୍ପାଦନ ଶୁଳ୍କ ତିନି ତିନି ଥର (୧୨ ନଭେମ୍ବର, ୨ ଡିସେମ୍ବର ଓ ୧ ଜାନୁୟାରୀ) ବୃଦ୍ଧି କରିବା ଫଳରେ ତୈଳଦର ହ୍ରାସ ଜନିତ ଫାଇଦା ଜନସାଧାରଣଙ୍କୁ ମିଳିବା ପରିବର୍ତ୍ତେ ସରକାର ଗତବର୍ଷ ୧୦,୦୦୦ କୋଟି ଟଙ୍କାର ଅତିରିକ୍ତ ଟିକସ ହାତେଇ ନେଇଛନ୍ତି । ଏହି ସମୟରେ ମୋଦି ଚାଷୀଙ୍କ ପାଖରେ ଛିଡ଼ା ହେବା ବଦଳରେ ଜିଦ୍ ଧରି ତିନି ତିନିଥର ଭୂମିଅଧିଗ୍ରହଣ ବିଲ୍ ପାଇଁ ଅଧ୍ୟାଦେଶ ଆଣିବା, ୟୁରିଆ ଉପରେ ୧୦% ଅତିରିକ୍ତ ଟିକସ୍ ବୃଦ୍ଧି ସହିତ କୃଷିକୁ ସବ୍‌ସିଡ଼ି ମୁକ୍ତ କରିବାର ସମସ୍ତ ପଦକ୍ଷେପ ନେଇଛନ୍ତି । ଆଜି ଶିକ୍ଷା ଓ ସ୍ୱାସ୍ଥ୍ୟ ବଜାରରେ ସିମୀତ ଅନୁମତି ବା restricted entry (କେବଳ ଥିଲା ବାଲାଙ୍କ ପାଇଁ)ର ସାଇନ୍ ବୋର୍ଡ଼ ।

ଶିଳ୍ପ କଥା ଦେଖିଲେ ବର୍ଷର ପ୍ରଥମାର୍ଦ୍ଧରେ (ମଇ-ଅକ୍ଟୋବର ୨୦୧୪) ଶିଳ୍ପ ଉତ୍ପାଦନ ବିଯୁକ୍ତାତ୍ମକ ୫.୯%ରେ ପହଞ୍ଚିଛି । ନିମ୍ନ ବେସ୍ ଯୋଗୁଁ ନଭେମ୍ବରରେ ଯେଉଁ ଉନ୍ନତି ପରିଲକ୍ଷିତ ହୋଇଥିଲା । ତାହା ମାର୍ଚ୍ଚ ୨୦୧୫ ସୁଦ୍ଧା ୨.୨%କୁ ହ୍ରାସପାଇଛି । ପୁଞ୍ଜିପତିଙ୍କୁ ଶସ୍ତାରେ ଜମି, ଶ୍ରମ, ଟିକସ୍ ଭେଟି ଦେବାକୁ 'ମେକ୍ ଇନ୍ ଇଣ୍ଡିଆ'ର ସ୍ଲୋଗାନ୍ ବହୁ ଜୋର୍‌ରେ କରାଯାଉଛି । ନିଯୁକ୍ତି ସୃଷ୍ଟି କରିବା ତ ପରର କଥା ମାଲିକଙ୍କ ସପକ୍ଷରେ ଶ୍ରମ ଆଇନ ପରିବର୍ତ୍ତନ କରି ନୂତନ ବେକାରୀ ବାହିନୀ ସୃଷ୍ଟି କରାଯାଉଛି । ମନରେଗା ହେଉଛି ବିଶ୍ୱରେ ସର୍ବବୃହତ୍ତ ନିଯୁକ୍ତିଦାତା ବ୍ୟବସ୍ଥା । ମନରେଗାରେ ଶ୍ରମ ପାଇଁ ୬୦% ଓ ଉପକରଣ ପାଇଁ ୪୦% ଖର୍ଚ୍ଚ କରିବାର ବ୍ୟବସ୍ଥା ଥିଲା । ବିଗତ କିଛି ବର୍ଷ ହେଲା ଦେଖାଯାଉଛି ଉପକରଣ ପାଇଁ ଥିବା ବ୍ୟୟ ବରାଦର ୨୭% ବିନିଯୋଗ ନ ହୋଇ ପଡ଼ି ରହିଛି । ଏ ଅର୍ଥକୁ ଶ୍ରମ ପାଇଁ ବରାଦ କରିବା ପରିବର୍ତ୍ତେ ନିତିନ୍ ଗଡ଼କରି ଶ୍ରମ ଓ ଉପକରଣ ଅନୁପାତକୁ ୫୧:୪୯କୁ ପରିବର୍ତ୍ତନ କରି ଅଧିକ ବେକାରୀ ସୃଷ୍ଟି ପାଇଁ ବ୍ୟବସ୍ଥା କରିଛନ୍ତି ।

ମନରେଗା ପାଇଁ ୬୧,୦୦୦ କୋଟି ଟଙ୍କା ଆବଶ୍ୟକ ସ୍ଥଳେ ୩୩,୦୦୦ କୋଟି ବ୍ୟୟବରାଦ ହୋଇଛି । ବିଜେପି ଶାସିତ ରାଜ୍ୟ ସବୁ ମନରେଗା ଉପରେ ଥିବା ଆଇନଗତ ଗ୍ୟାରେଣ୍ଟି ପ୍ରତ୍ୟାହାର କରି ଏହାକୁ ଏକ ସ୍କିମ୍‌ରେ ପରିଣତ କରିବାର ପ୍ରସ୍ତାବ ରଖିଛନ୍ତି ।

ସାମାଜିକ ବ୍ୟୟବରାଦ କଥା ବିଚାର କଲେ ଦେଖିବା ସରକାର ବିତ୍ତୀୟ ନିଅଣ୍ଟ ଆଳରେ ନାରୀ ଓ ଶିଶୁ କଲ୍ୟାଣ ପାଇଁ ବ୍ୟୟ ୧୨,୦୦୦ କୋଟି ଟଙ୍କା ହ୍ରାସ, ଗ୍ରାମାଞ୍ଚଳ ଉନ୍ନୟନ ପାଇଁ ୧୭,୦୦୦ କୋଟି, ସହରାଞ୍ଚଳ ବିକାଶ ପାଇଁ ୪୦୦ କୋଟି, ଅନୁସୂଚିତ ଜାତି – ଉପଜାତିଙ୍କ ଉନ୍ନୟନ ପାଇଁ ବ୍ୟୟବରାଦ ୧୭,୦୦୦ କୋଟି, ସର୍ବଶିକ୍ଷା ଅଭିଯାନ ପାଇଁ ୮,୫୦୦ କୋଟି,

ଏପରିକି ସରକାରଙ୍କ ପ୍ଲାଗସିପ୍ କାର୍ଯ୍ୟକ୍ରମ ସ୍ୱଚ୍ଛ ଭାରତ ପାଇଁ ୬୦୦୦କୋଟି, ସମନ୍ୱୟ ଶିଶୁ ବିକାଶ ସ୍କିମ୍‌ର ବ୍ୟୟବରାଦ ୮୦୦୦ କୋଟି ଟଙ୍କା ହ୍ରାସ କରିଛନ୍ତି ।

ଏହି ଏକବର୍ଷରେ ଯେ କାହାରି ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିନାହିଁ ତାହା କହିଲେ ଭୁଲ ହେବ । ବିଗତ ଏକ ବର୍ଷରେ ଗୌତମ ଆଦାନୀଙ୍କ ୨୫,୦୦୦ କୋଟି ଟଙ୍କାର ସଂସଦ ବୃଦ୍ଧି ଘଟିଛି । ଗୋଟିଏ ବର୍ଷରେ ଟାଟା, ଆଦାନୀ, ଭାରତୀ, ଏଚ୍.ଡି.ଏଫ୍.ସି ଓ ସନ୍‌ଗ୍ରୁପ୍ ଷ୍ଟକ୍ ବଜାର ମାଧ୍ୟମରେ ୧୦ ଲକ୍ଷ କୋଟି ଟଙ୍କା ହାତେଇଛନ୍ତି । ବଜେଟ୍‌ରେ ପୁଞ୍ଜିପତିଙ୍କୁ ଟିକସ୍ ରିହାତି ୫.୮୯ କୋଟି ଟଙ୍କାର ବ୍ୟବସ୍ଥା କରିଥିବା ସହିତ ସମ୍ପତ୍ତି କର ଉଚ୍ଛେଦ ଓ କର୍ପୋରେଟ୍ ଟିକସ୍ ୫% ହ୍ରାସ କରାଯାଇଛି । ଅଷ୍ଟ୍ରେଲିଆ କୋଇଲା ଖଣି ହାତେଇବାକୁ ସରକାରଙ୍କ ହସ୍ତକ୍ଷେପରେ ଆଦାନୀ ଗ୍ରୁପ୍‌କୁ ଷ୍ଟେଟ୍ ବ୍ୟାଙ୍କ୍ ୧ ବିଲିୟନ୍ ଡଲାର୍ ଋଣ ଦେଇଛି । ପୁଞ୍ଜିପତିଙ୍କ ହାତକୁ ଆଉରି ମଜବୁତ୍ କରିବାକୁ ରାଷ୍ଟ୍ରାୟତ୍ତ ସଂସ୍ଥାରୁ ଗତବର୍ଷ ୬୯,୫୦୦ କୋଟି ଟଙ୍କାର ପୁଞ୍ଜିପ୍ରତ୍ୟାହାର କରିଛନ୍ତି । ବୀମା ବିଧେୟକ (ସଂଶୋଧନ) ବିଲ୍-୨୦୧୫କୁ ପାରିତ କରି ଦେଶୀ ବିଦେଶୀ ବୀମା କମ୍ପାନୀଙ୍କ ଅଂଶଧନକୁ ୨୬ରୁ ୪୯%ବୃଦ୍ଧି କରିଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ଅନ୍ୟାର୍ଥ କରି ସରକାର ଅଧ୍ୟାଦେଶ ବଳରେ ୧୯୭୩ରେ କୋଇଲା ଜାତୀୟକରଣ ଓ ୧୯୫୭ର ଖଣି ଉନ୍ନୟନ ଆଇନକୁ ପରିବର୍ତ୍ତନ କରି ଏହି ଆଳରେ ଘରୋଇ ସଂସ୍ଥାକୁ କୋଇଲା ବ୍ଲକ୍ ଦେବାର ସୁବିଧା କରାଇଲେ । ବ୍ୟାଙ୍କ୍ କର୍ମଚାରୀମାନେ ୪୬ତମ ବ୍ୟାଙ୍କ୍ ଜାତୀୟକରଣ ପୂର୍ତ୍ତିପାଳନ କଲାବେଳେ ସରକାର ଜାନୁୟାରୀ ୨ ଓ ୩ରେ ପୁଣେରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ମାନଙ୍କ ମୁଖ୍ୟଙ୍କୁ ନେଇ 'ଜ୍ଞାନ ସଙ୍ଗମ' କାର୍ଯ୍ୟକ୍ରମ ଜରିଆରେ ବ୍ୟାଙ୍କ୍‌ର ଘରୋଇକରଣ କରିବାକୁ ନୂତନ କୌଶଳ ପ୍ରସ୍ତୁତ କରୁଛନ୍ତି । ନ୍ୟୁକ୍ଲିଅର୍ ଲାୟାବିଲିଟି ଆକ୍ଟରେ ଥିବା ଦୁର୍ଘଟଣା ରାଶି ତୁଳା ଯୋଗାଣକାରୀ ସଂସ୍ଥା ବହନ କରିବାକୁ ଥିବାବେଳେ ଓବାମାଙ୍କ ଗସ୍ତପରେ ଆମ ସରକାର ରାଷ୍ଟ୍ରାୟତ୍ତ ସାଧାରଣ ବୀମାକୁ ଏ ଦାୟିତ୍ୱ ଦେଇଛନ୍ତି । 'ଜନଧନ ଯୋଜନା' ପାଇଁ ଗୋଟିଏ ଟଙ୍କାର ବଜେଟ୍ ବରାଦ ନ କରି ରାଷ୍ଟ୍ରାୟତ୍ତ ସାଧାରଣ ବୀମା, ଜୀବନ ବୀମା ଓ ବ୍ୟାଙ୍କ୍‌କୁ ବରବାଦ କରିବାର ଲକ୍ଷ୍ୟ ରଖି ଯଥାକ୍ରମେ ୧ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବୀମା, ୩୦ ଟଙ୍କାର ଜୀବନ ବୀମା, ୫୦୦୦ ଟଙ୍କାର ଓଭରଡ୍ରାପ୍ଟ ବ୍ୟବସ୍ଥା କରିଛନ୍ତି ।

ସରକାରଙ୍କ ସଫଳତାର ଦ୍ୱିତୀୟ ପ୍ରମାଣପତ୍ର ହେଉଛି ଗଣତାନ୍ତ୍ରିକ ମୂଲ୍ୟବୋଧ । ମୋଦି ପ୍ରଥମେ ମଥାପାତି ପ୍ରଣାମ କରି ସଂସଦକୁ ପ୍ରବେଶ କରିଥିଲେ ଓ କହିଥିଲେ ''ସଂସଦ ହେଉଛି ଗଣତନ୍ତ୍ରର ମନ୍ଦିର'' । ଗଣତନ୍ତ୍ରକୁ ସୁଦୃଢ଼ କରିବାର ମୂଳ ରହସ୍ୟ ହେଉଛି ସହିଷ୍ଣୁତା, ବିତର୍କ ଓ ବିରୋଧକୁ ସମ୍ମାନ ଦେବା, ସଂଖ୍ୟାଗରିଷ୍ଠତା ସତ୍ତ୍ୱେ ସମସ୍ତଙ୍କୁ ସାଥୀରେ ନେଇ ଚାଲିବାର କୌଶଳ । ଏସବୁ ଲକ୍ଷଣ ଏ ସରକାରଙ୍କ ପାଖରେ ଢେର ଅଭାବ ରହିଛି । ଯାନ୍ତ୍ରିକ ଭାବରେ ବିରୋଧୀ ଦଳକୁ ମାନ୍ୟତା ନ ଦେବା, ଜିଦ୍‌ଧରି ଜମି ଅଧିଗ୍ରହଣ ଅଧ୍ୟାଦେଶକୁ ତିନି ତିନି ଥର ଅନୁମୋଦନ କରିବା, ଅଧିକ ତର୍ଜମା ପାଇଁ ଷ୍ଟାଣ୍ଡିଂ କମିଟି ବ୍ୟବସ୍ଥାକୁ ଏଡ଼ାଇଦେବା, ଅଣମନିବିଲ୍‌କୁ 'ମନିବିଲ୍'ର ଆଖ୍ୟା ଦେଇ ପାଶ୍ କରାଇଦେବା ଇତ୍ୟାଦି ଇତ୍ୟାଦି । କାରଣ 'ମନିବିଲ୍' ପାଶ୍ ପାଇଁ ରାଜ୍ୟସଭାର ଅନୁମୋଦନ ଆବଶ୍ୟକ ନାହିଁ । ଗୁଜୁରାଟରେ ପୂର୍ବତନ ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ଶକ୍ତି ସିଂହ ଗୋହିଲଙ୍କ ତଥ୍ୟ ଅନୁଯାୟୀ ମୋଦି ମୁଖ୍ୟମନ୍ତ୍ରୀ ଥିବାବେଳେ ବିରୋଧୀଦଳକୁ ନିଲମ୍ବିତ କରି ୨୦୦୯ରେ୧୭ ମିନିଟ୍‌ରେ ୧୨ଟି ଆଇନ ପାଶ୍ କରିଥିଲେ । କେବଳ ସାମ୍ବିଧାନିକ ବାଧକକୁ ଦୃଷ୍ଟିରେ ରଖି ୬ ମାସରେ ଥରେ ଅଧିବେଶନ ବସୁଥିଲା । ମୋଦି କୌଣସି ପ୍ରଶ୍ନର ଉତ୍ତର ଦେଉ ନଥିଲେ ଓ ତାଙ୍କର ପୁରା ମୁଖ୍ୟମନ୍ତ୍ରୀତ୍ୱରେ କେବେ ଅଧିବେଶନ ୨୩ ଦିନରୁ ଅଧିକ ବସି ନାହିଁ । ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍‌ର ନିୟମିତ ନିର୍ଦ୍ଦେଶକ ନିଯୁକ୍ତି କରାଯାଉନାହିଁ କି କେନ୍ଦ୍ରୀୟ ସୂଚନା କମିଶନର ମୁଖ୍ୟ ନିଯୁକ୍ତି କରାଯାଉନାହିଁ । ଏହାଫଳରେ ପ୍ରଧାନମନ୍ତ୍ରୀ ଅଫିସ୍, କ୍ୟାବିନେଟ୍, ସଚିବାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ସୁପ୍ରିମ୍‌କୋର୍ଟ, ହାଇକୋର୍ଟ, ଲୋକସଭା, ୟୁ.ପି.ଏସ୍.ସି ଓ ଷ୍ଟାଫ୍ ସିଲେକ୍‌ସନ୍ କମିଶନ ଆଦି ବିଭାଗ ଉପରେ ସୂଚନା ଅଧିକାର ଆଇନ ମାଧ୍ୟମରେ କୌଣସି ତଥ୍ୟ ମିଳିପାରିବ ନାହିଁ । ଏପରିକି ସରକାରଙ୍କ ବିରୁଦ୍ଧରେ କୌଣସି କେସ୍ ଦାଏର୍ କରାଯାଇପାରିବ ନାହିଁ । ଆମ୍ବେଦକର ପେରିୟାର ଷ୍ଟଡ଼ି ସର୍କଲର ଛାତ୍ରଛାତ୍ରୀ କେନ୍ଦ୍ର ସରକାରଙ୍କ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇବାରୁ ତା'ଉପରେ ଯେଉଁ କଟକଣା ଲାଗୁ କରିଛନ୍ତି ତାଠାରୁ ଜଘନ୍ୟ ଅଗଣତାନ୍ତ୍ରିକ କାର୍ଯ୍ୟ କ'ଣ ହୋଇପାରେ ।

ସିଭିଲ୍ ସୋସାଇଟି ଓ ଏନ.ଜି.ଓ.ମାନଙ୍କ ଉପରେ ସରକାର ରକ୍ତ ଚାଉଳ ଚୋବାଉଛନ୍ତି । କାରଣ ଏମାନଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଯୋଗୁଁ ଆମ୍ ଆଦ୍‌ମୀ ପାର୍ଟି ଦିଲ୍ଲୀ ଦଖଲ କଲା । ମାନବ ଅଧିକାର କ୍ଷୁର୍ଣ୍ଣ କରୁଥିବା ପୁଞ୍ଜିପତିଙ୍କ ପ୍ରକଳ୍ପ ବିରୋଧରେ ଜନଆନ୍ଦୋଳନ ତଥା ମୋଦିଙ୍କ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା ପାଇଁ ୧୦୦ଟି ଜିଲ୍ଲାରେ ସିଭିଲ୍ ସୋସାଇଟି ତରଫରୁ 'ୱାଦା ନା ତୋଡ଼ ଅଭିଯାନ' ଯୋଗୁଁ ମୋଦି ସରକାର ଏନ୍.ଜି.ଓଙ୍କ ଉପରେ ଖପ୍‌ପା ହୋଇ ୬୯ଟିକୁ କଳା ତାଲିକାଭୁକ୍ତ କରିଥିବା ବେଳେ ଶତାଧିକ ସଂସ୍ଥାର ପଞ୍ଜିକରଣ ବାତିଲ୍ କରିଛନ୍ତି । ଯଦି କୌଣସି ଏନ୍.ଜି.ଓ. ସମାଜର ବୃହତ୍ତର ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟକରୁଛି ସରକାର ବିହିତ ପଦକ୍ଷେପ ନେବା ଉଚିତ୍ । କିନ୍ତୁ ସୂଚନାଯୋଗ୍ୟ ଯେ, ଏନ୍.ଜି.ଓ. ମାନେ ମାନବ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ସରକାର ଅଣଦେଖା କରୁଥିବା କାର୍ଯ୍ୟ ତଥା ଅନେକ ସରକାରୀ ଯୋଜନାକୁ ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି । ଏପରିକି ଆନ୍ତର୍ଜାତୀୟ ସଂସ୍ଥା ଗ୍ରୀନ ପିସ୍ ଓ ଫୋର୍ଡ୍ ଉପରେ କଟକଣା ଲାଗୁକରାଯାଇଛି । ଏହା ଉପରେ ରୋକ୍ ଲଗାଇବାର କାରଣ ହେଉଛି ତିସ୍ତା ସେତାଲଭାଡ଼୍ ସଂସ୍ଥାକୁ ଫୋର୍ଡ୍ ଅନୁଦାନ ଦିଏ ଯିଏ କି ଗୁଜୁରାଟର ଗୋଧ୍ରା ଘଟଣାକୁ ଲୋକଲୋଚନକୁ ଆଣିଥିଲା । ଫଳରେ ମୋଦିଙ୍କୁ ଅପରାଧୀ ଭାବେ ବିଚାର କରିବାକୁ ପିଟିସନ୍ ଦାଏର୍ ହୋଇଥିଲା । ସେହି କେସ୍‌ରେ ମୋଦି ସରକାରଙ୍କ ପୂର୍ବତନ ମନ୍ତ୍ରୀ ମାୟା କୋଡ଼ନାନୀ ଓ ବଜରଙ୍ଗ ଦଳ ନେତା ବାବୁ ବଜ୍ରଙ୍ଗି ଦୋଷୀ ସାବ୍ୟସ୍ତ ହୋଇଥିଲେ ।

ସରକାରଙ୍କ ସଫଳତାର ଅନ୍ୟ ଏକ ପ୍ରମାଣପତ୍ର ହେଉଛି ଧର୍ମନିରପେକ୍ଷତା ଉପରେ ଦୃଢ଼ତା । ଆଧୁନିକ ଭାରତବର୍ଷର ନିର୍ମାତା ଜବାହରଲାଲ ନେହେରୁ କହୁଥିଲେ, ''ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର, ରାଷ୍ଟ୍ରର ଦାୟିତ୍ୱ ଧର୍ମ ପ୍ରଚାର ନୁହେଁ । ଯେତେବେଳେ ରାଷ୍ଟ୍ର ଧର୍ମ କାର୍ଯ୍ୟରେ ଲାଗେ, ଦେଶ ରସାତଳଗାମୀ ହୁଏ ।'' କିନ୍ତୁ ଏକ ବର୍ଷର ଶାସନରେ ଦେଖାଯାଉଛି ସଂଖ୍ୟାଲଘୁଙ୍କ ଉପରେ କିମ୍ଭୁତକିମ୍ଭାକାର ଟିପ୍ପଣୀ । ୧୨୦୦ରୁ ଊର୍ଦ୍ଧ୍ୱ ଜାଗାରେ ଦଙ୍ଗା, ଘରବାହୁଡ଼ା କାର୍ଯ୍ୟକ୍ରମ, ଚର୍ଚ୍ଚ ଉପରେ ଆକ୍ରମଣ, ଡିସେମ୍ବର ୨୫କୁ ଗୁଡ୍ 'ଗଭରନାନ୍‌ସ୍ ଡ଼େ' ଭାବେ ପାଳନ କରିବା, ମୁସଲମାନମାନଙ୍କ ଭୋଟ ଅଧିକାର ପ୍ରତ୍ୟାହାର ଭଳି ମନ୍ତବ୍ୟ, ହିନ୍ଦୁ ସଂଖ୍ୟା ବୃଦ୍ଧି ପାଇଁ ୪ଟି ସନ୍ତାନ ପ୍ରସବ, ଲଭ୍ ଜେହାଦ୍, ଶିକ୍ଷାନୁଷ୍ଠାନରେ ଆମିଷ-ନିରାମିଷ ଖାଦ୍ୟକୁ ନେଇ କଟକଣା, ମଦରଟେରେସାଙ୍କୁ ଧର୍ମୀୟ ଆଧାରରେ ବିଚାର, ତାଜମହଲ ସ୍ଥାନରେ ଶିବ ମନ୍ଦିର ଥିବାର ବୟାନ ଇତ୍ୟାଦି ଇତ୍ୟାଦି । କିନ୍ତୁ ମୋଦି ସମ୍ପୂର୍ଣ୍ଣ ନୀରବ । ବିଶ୍ୱରେ ଭାରତବର୍ଷର ଶାନ୍ତିପ୍ରିୟତା ଓ ଧର୍ମନିରପେକ୍ଷତାକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଖୋଦ୍ ଓବାମା ଧର୍ମୀୟ ସ୍ୱାଧୀନତାକୁ ଗୁରୁତ୍ୱ ଦେବାକୁ ମୋଦିଙ୍କୁ ପରାମର୍ଶ ଦେବାର ଅର୍ଥ ଆମ ଦେଶର ସଂସ୍କୃତି ଓ ଅତୀତକୁ ଅଙ୍ଗୁଳି ନିର୍ଦ୍ଦେଶ ।

**ଅବଶିଷ୍ଟାଂଶ ୧୦ ପୃଷ୍ଠାରେ**



# ଲୋକମାନେ ସଚେତନ ହେବା ଉଚିତ୍

ସନ୍ତୋଷ କୁମାର ମହାପାତ୍ର

ଆଜିର ଉଦାରୀକରଣ ଯୁଗରେ ଉପଭୋକ୍ତବାଦ, ଭୋଗବାଦ ବୃଦ୍ଧିପାଇବା ସହିତ ସମ୍ପଦ ଠୁଳ କରିବା ବିଳାସମୟ ଜୀବନ ବିତାଇବା ପ୍ରାଧାନ୍ୟ ପାଇବା ଯୋଗୁ ମାନବବାଦ ତଥା ତ୍ୟାଗ ସେବାର ମନୋବୃତ୍ତି ହ୍ରାସପାଇଛି । ଲୋକମାନେ ସ୍ୱାର୍ଥ ସର୍ବସ୍ୱ, ପ୍ରତିହିଂସା ପରାୟଣ, ଲୋଭୀ ଅସହିଷ୍ଣୁ ତଥା ଅହଙ୍କାରୀ ହୋଇଯାଉଛନ୍ତି । କିପରି କମ୍ ସମୟରେ ବିନା ପରିଶ୍ରମରେ ସଫଳତା ପାଇବେ ତଥା ଅନୈତିକ ଉପାୟରେ ରାତା ରାତି ଧନଶାଳୀ ହେବେ, କ୍ଷମତାଶାଳୀ ହେବେ । ନିଶା ଅଧିକାଂଶଙ୍କୁ ଘାରିଛି । ଯାହା ଫଳରେ ବିଭିନ୍ନ ପ୍ରକାର ଉଦ୍‌ବେଗ, ଦୁଶ୍ଚିନ୍ତା ତଥା ରୋଗଗ୍ରସ୍ତ ହେଉଛି ଆଜିର ମାନବ ସମାଜ । ଯାହାର ନାହିଁ ସେତ ଦୁଃଖରେ ଅଛି, କିନ୍ତୁ ଯାହାର ଅଛି ସେ ମଧ୍ୟ ଅଶାନ୍ତିରେ ସମୟ କାଟୁଛି । ନବତଳ ପ୍ରସାଦରେ ସମସ୍ତ ସୁବିଧା ଥାଇ ମଧ୍ୟ ନିଦ ହେଉନି । ସ୍ନେହ ଶ୍ରଦ୍ଧା, ସମ୍ବେଦନଶୀଳତା ଆଜି ବିରଳ । ଅନ୍ୟର ସୁଖ ଦୁଃଖରେ ଭାଗି ହେବା ପାଇଁ ଅଧିକାଂଶଙ୍କ ପାଖରେ ସମୟ ନାହିଁ । ତ୍ୟାଗ, ବଳିଦାନକୁ ଗୁରୁତ୍ୱ ନାହିଁ । ସମ୍ପତ୍ତି, ପ୍ରତିପତ୍ତି କ୍ଷମତା ତଥା ବେଆଇନ ଯୌନସୁଖ ପଛରେ ମଣିଷ ଅନୁଧାବନ କରି ବାସ୍ତବ ସୁଖ ହରାଉଛି । ସମାଜ ଦିନକୁ ଦିନ ଅଧିକ କଳୁସିତ ହେଉଛି । ଅନଶ୍ଚିତତା ଅବିଶ୍ୱାସର ବାତାବରଣ ଆଜି ସମସ୍ତଙ୍କୁ ଗ୍ରାସ କରିଛି । ଯାହାଫଳରେ ଲୋକମାନଙ୍କ କ୍ଷେତ୍ରରେ ମାନବିକ ମୂଲ୍ୟବୋଧ କେବଳ ହ୍ରାସ ପାଇନି ବିଭିନ୍ନ ତଥାକଥିତ ବାବାଜୀ, ମାତାଜୀ, ଈଶ୍ୱରଙ୍କ ପ୍ରତିନିଧି ବୋଲି ଦାବି କରୁଥିବା ବ୍ୟକ୍ତିଙ୍କ 'ଚରିତ୍ର'ର ଅଧଃପତନ ଘଟୁଛି । ସେମାନେ ସାଧନା, ଧ୍ୟାନ କରିବା ସହିତ ସମାଜରରେ ଶାନ୍ତି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଏବଂ ମାନବ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବା ପରିବର୍ତ୍ତେ ଭୋଗ ବିଳାସରେ ଜୀବନ ବିତାଇବା ସହିତ ବିଭିନ୍ନ ଦୂର୍ନୀତି, କୁକାର୍ଯ୍ୟ, ଯୌନ କେଳଙ୍କାରୀ ତଥା ବ୍ୟଭିଚାରରେ ଲିପ୍ତ ରହୁଛନ୍ତି । ଯାହାର ନଗ୍ନ ଉଦାହରଣ ହେଉଛି ଆଶାରାମ ବାପୁ, ନିର୍ମଳ ବାବା, ବାବା ରାମପାଲ, ବାବା ନିତ୍ୟାନନ୍ଦ, ରାଧେ ମା' ଓ ବିଶେଷ କରି ଓଡ଼ିଶାର କେନ୍ଦ୍ରାପଡ଼ାରେ ସାରଥୀ ବାବାଙ୍କ କଳାକାରନାମା । ଯେ ପର୍ଯ୍ୟନ୍ତ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ଲୋକମାନେ ପ୍ରତ୍ୟେକ କଥା ବିଚାର କରିନାହାଁନ୍ତି । କର୍ତ୍ତବ୍ୟ ନ କରି ଭାଗ୍ୟ ଉପରେ ବିଶ୍ୱାସ କରିବା ସହିତ ବାବାଜୀ ମାତାଜୀଙ୍କ ଶରଣାପନ୍ନ ହେଉଥିବେ, ଧର୍ମୀୟ ଭାବନା ନାମରେ ଅନ୍ଧବିଶ୍ୱାସ, କୁସଂସ୍କାର, ଧର୍ମାନ୍ଧତାକୁ ପ୍ରାଧାନ୍ୟ ଦେଉଥିବେ ସେ ପର୍ଯ୍ୟନ୍ତ ଗୋଟିଏ ବାବା ଜେଲଗଲେ ମଧ୍ୟ ଆଉ ଅନେକ ଭଣ୍ଡ, ପ୍ରବଞ୍ଚକ ବାବା ସୃଷ୍ଟି ହୋଇ ଲୋକମାନଙ୍କୁ ଲୁଟିବେ ଏବଂ ଭୁଆଁ ବୁଲାଇବେ । ଲୋକମାନେ ରୋଗମୁକ୍ତ ହେବା ପାଇଁ ବାବାଜୀ, ମାତାଜୀଙ୍କ ଶରଣାପନ୍ନ ହେଉଛନ୍ତି । କିନ୍ତୁ କର୍କଟ କିମ୍ବା ବୃକକ୍ ଅଚଳ ହୋଇ ଥିବା ରୋଗୀକୁ କୌଣସି ବାବା କେବେ ରୋଗମୁକ୍ତ କରିବାର ଦୃଷ୍ଟାନ୍ତ କେହି ଦେଇପାରିବେ କି ? ଏଣୁ ଲୋକମାନେ ସଚେତନ ହେବା ଉଚିତ୍ ।

❖❖❖

**୯ ପୃଷ୍ଠାର ଅବଶିଷ୍ଟାଂଶ :**

ସରକାରଙ୍କ ସଫଳତାର ଅନ୍ୟ ଏକ ମାପକାଠି ହେଉଛି ଶିକ୍ଷା–ସଂସ୍କୃତିରେ ପ୍ରଗତିଶୀଳ ସଂସ୍କାର ଆଣିବା । ଶିକ୍ଷାରେ ବଜେଟ୍‌ରେ ସରକାର ୧୬.୫% ବ୍ୟୟ ହ୍ରାସ କରିଥିବା ବେଳେ ସମୁଦାୟ ଶିକ୍ଷାପାଇଁ ବ୍ୟୟବରାଦ ୮୨,୭୭୧ କୋଟି ଟଙ୍କାରୁ ହ୍ରାସ କରାଯାଇ ୬୯,୦୬୪ କୋଟି ଟଙ୍କା କରାଯାଇଛି । ବ୍ୟୟବରାଦ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ସବୁଠୁ ଚିନ୍ତାର ବିଷୟ ହେଉଛି ଭବିଷ୍ୟତ ବଂଶଧରଙ୍କ ପାଇଁ ସରକାରଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଦୁର୍ଗତିଶୀଳ । ଆଜି ବିଶ୍ୱ ତମାମ୍ ବିଜ୍ଞାନ, ଜ୍ଞାନକୌଶଳର ଗବେଷଣା ହେବା ସହିତ ଅନ୍ଧବିଶ୍ୱାସର ଅର୍ଗଳି ମଧ୍ୟରୁ ବାହାରି ଅଧିକରୁ ଅଧିକ ବିଜ୍ଞାନସମ୍ମତ ଚିନ୍ତାଧାରାକୁ ଆଗେଇ ନିଆଯାଉଥିବା ବେଳେ ଆମ ସରକାର ପ୍ରଜନ୍ମ ପ୍ରଜନ୍ମ ଧରି ଆମକୁ ଧର୍ମାନ୍ଧ କରିବାର ଲକ୍ଷ୍ୟ ନେଇ ପୌରାଣିକ ତଥ୍ୟକୁ ଇତିହାସର ମାନ୍ୟତା ଦେବାକୁ ଉଦ୍ୟତ । ଗୁଜୁରାଟରେ ପୌରାଣିକ ତଥ୍ୟ ଉପରେ ଆଧାରିତ ଦୀନନାଥ ବାତ୍ରାଙ୍କ ଲିଖିତ 'ତେଜୋମୟ ଭାରତ' ପୁସ୍ତକ ୪୨,୦୦୦ ସ୍କୁଲରେ ବାଧ୍ୟତାମୂଳକ ଭାବେ ପଢ଼ାଯାଉଛି । ଏହାର ମୁଖବନ୍ଧ ଲେଖିଛନ୍ତି ଖୋଦ୍ ମୋଦି ।

ଆଜି ସଂଘୀୟ ଆଦର୍ଶରେ ଦେଶକୁ ଦୀକ୍ଷିତ କରିବାର ଲକ୍ଷ୍ୟ ରଖି ସବୁ ସ୍ଥାନରେ ସଂଘ ପରିବାରକୁ ଛାଉଣି କରିଦେଲେଣି । ସଂଘ ପରିବାରର ଇତିହାସ ଶାଖା ଅଖିଳ ଭାରତୀୟ ଇତିହାସ ସଙ୍କଳନ ଯୋଜନା'ର ମୁଖ୍ୟ ପ୍ରଫେସର ୱାଇ. ସୁଦର୍ଶନ ରାଓଙ୍କୁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ହିଷ୍ଟୋରିକାଲ୍ ରିସର୍ଚ୍ଚର ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରାଯାଇଛି । ତାଙ୍କ ନିଯୁକ୍ତି ପରେ ଇଣ୍ଡିଆନ୍ ହିଷ୍ଟୋରିକାଲ୍ ରିଭ୍ୟୁର ସମ୍ପାଦକ ପ୍ରଫେସର ସବ୍ୟସାଚୀ ଭଟ୍ଟାଚାର୍ଯ୍ୟ ଇସ୍ତଫା ଦେଇଛନ୍ତି । ଫିଲ୍ମ ସେନ୍‌ସର ବୋର୍ଡ଼ରୁ ଶ୍ରୀମତୀ ସାମ୍‌ସନ୍‌ଙ୍କ ଇସ୍ତଫା ପରେ ନିହାଲାନିଙ୍କୁ ନିଯୁକ୍ତି ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ନିହାଲାନି ସାଧାରଣ ନିର୍ବାଚନରେ 'ହର ହର ମୋଦି'କୁ ସୋସିଆଲ୍ ମିଡ଼ିଆରେ ଜନପ୍ରିୟ କରାଇଥିଲେ । ବିଜେପିର କୃଷକ ଶାଖା 'କିଶାନ ମୋର୍ଚ୍ଚା'ର ସାଧାରଣ ସମ୍ପାଦକ ନରେଶ ଶିରୋହି 'ଡିଡ଼ି କିଶାନ ଚ୍ୟାନେଲ୍'ର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତ ହୋଇଛନ୍ତି । ଲଳିତକଳା ଏକାଡ଼େମୀର ମୁଖ୍ୟ କଲ୍ୟାଣକୁମାରଙ୍କୁ ବରଖାସ୍ତ କରାଯାଇଛି । ମାନବସମ୍ବଳ ବିକାଶ ମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁଁ ବମ୍ବେ ଆଇ.ଆଇ.ଟିରୁ ଅନିଲ୍ କାକୋଡ଼କର ଇସ୍ତଫା ଦେଇଛନ୍ତି ଯିଏ କି ପରମାଣୁ ଶକ୍ତି କମିଶନର ପୂର୍ବତନ ଚେୟାରମ୍ୟାନ୍ ଥିଲେ । ସଂଘ ପରିବାରର ଶାଖା ସଂସ୍ଥା – ବିବେକାନନ୍ଦ ଇଣ୍ଟରନ୍ୟାସନାଲ୍ ଫାଉଣ୍ଡେସନ୍ ବା ଇଣ୍ଡିଆ ଫାଷ୍ଟ ଫାଉଣ୍ଡେସନ୍‌ର ସଭ୍ୟମାନଙ୍କୁ ସାମ୍ବିଧାନିକ ପଦପଦବୀରେ ନିଯୁକ୍ତି କରାଯାଇଛି । ଅଜିତ୍ ଡୋଭାଲ୍ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ, ନିପେନ୍ଦ୍ର ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରିନ୍ସିପାଲ୍ ସେକ୍ରେଟାରୀ, ଦେବରାୟଙ୍କୁ ନୀତି ଆୟୋଗର ସ୍ଥାୟୀ ସଭ୍ୟ ଭାବେ ନିଯୁକ୍ତି ଦିଆଯାଇଛି । ଗଜେନ୍ଦ୍ର ଚୌହାନଙ୍କୁ (ମହାଭାରତର ଯୁଧିଷ୍ଠିର) ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଚେୟାରମ୍ୟାନ ଭାବେ ନିଯୁକ୍ତ କରାଯାଇଥିବାରୁ ୧୨ ଜୁନ୍‌ରୁ ଛାତ୍ରଛାତ୍ରୀମାନେ ଅଦ୍ୟାବଧି ଧାରଣାରେ ବସିଛନ୍ତି । ଏହାକୁ ସମର୍ଥନ କରି ସିନେତାରକା ପଲ୍ଲବୀ ଯୋଶୀଙ୍କଠୁଁ ଆରମ୍ଭ କରି ଅନେକ ବଡ଼ ବଡ଼ କଳାକାର ସେ ସଂସ୍ଥାରୁ ଇସ୍ତଫା ଦେଲେଣି । କିନ୍ତୁ ସରକାର ଜିଦ୍‌ରେ ଅଟଳ ।

ଦେଶର ବିକାଶ କଥା ପ୍ରଧାନମନ୍ତ୍ରୀ ଯଦି ବାସ୍ତବିକ୍ ଚିନ୍ତାକରୁଛନ୍ତି ତେବେ ଭାଷଣରେ ଭ୍ରମ ସୃଷ୍ଟି ନ କରି ସାମଗ୍ରିକ ଭାବେ ପ୍ରତ୍ୟେକଟି ଦିଗ ଉପରେ ଧ୍ୟାନଦେବା ଉଚିତ୍ । ଯଦି ସରକାରଙ୍କ ଆଭିମୁଖ୍ୟର ପରିବର୍ତ୍ତନ ନ ହୁଏ, ତେବେ ଜନସାଧାରଣ ସେମାନଙ୍କୁ ପରିବର୍ତ୍ତନ କରିଦେବେ । ଅତୀତ କହେ, ଭାରତୀୟମାନେ ସିଂହାସନରେ ଯେଭଳି ବସାଇପାରନ୍ତି ସେଭଳି ମଧ୍ୟ ଓହ୍ଲାଇଦେଇ ପାରନ୍ତି । ତେବେ ଆମେ ଆଶାକରୁ ଅବଶିଷ୍ଟ ୪ ବର୍ଷ ସରକାର ଜନସାଧାରଣ ତଥା ଦେଶର ସ୍ୱାର୍ଥପ୍ରତି ଯତ୍ନବାନ ହେବେ ।

❖❖❖



# ଜାତି ଜନଗଣନା-୨୦୧୧ ରିପୋର୍ଟ - କେତେକ ତଥ୍ୟ

ଭାରତ ଭୂଷଣ ନାୟକ, ସାଙ୍ଗଠନିକ ସମ୍ପାଦକ ,
BDLIEA , ଭୁବନେଶ୍ୱର

ଏଇ ନିକଟରେ ପ୍ରଥମ ଅର୍ଥନୈତିକ - ସାମାଜିକ ତଥା ଜାତି ଜନଗଣନା-୨୦୧୧ ରିପୋର୍ଟ ଜୁଲାଇ ମାସ ୪ ତାରିଖରେ ପ୍ରକାଶ ପାଇଛି । ଏହି ଜନଗଣନାରୁ ମିଳିଥିବା ଅର୍ଥନୈତିକ ତଥ୍ୟର ତର୍ଜମା ଓ ବିଶ୍ଳେଷଣରୁ ଏହା ସ୍ପଷ୍ଟ ଯେ, ଭାରତର ଅଭିବୃଦ୍ଧି କାହାଣୀ ଗ୍ରାମାଞ୍ଚଳରେ ସୁଦ୍ଧା ସ୍ପର୍ଶ କରିପାରିନାହିଁ ବରଂ ଏହି ସୂଚନା ମିଳିଛି ଯେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ମାତ୍ରା ଯେତିକି ବୋଲି ଆକଳନ କରାଯାଇଥିଲା, ବାସ୍ତବରେ ଦାରିଦ୍ର୍ୟ ତା'ଠାରୁ ଅଧିକ ଉତ୍କଟ । ମୁଣ୍ଡ ପିଛା ମାସିକ ଖର୍ଚ୍ଚ ଭିତ୍ତିରେ ଦାରିଦ୍ର୍ୟ ହ୍ରାସ ପାଇଥିବା ଆକଳନ ଭୁଲ ପ୍ରମାଣିତ ହୋଇଛି । ଅର୍ଥନୈତିକ ତଥ୍ୟ ଆଧାରରେ ଦେଶର ଅର୍ଦ୍ଧାଧିକ ଜନସଂଖ୍ୟା ଅତି ଦାରିଦ୍ର୍ୟ ମଧ୍ୟରେ ଜୀବନ କାଟୁଛନ୍ତି । ଶତକଡ଼ା ୭୫ ଭାଗ ପରିବାରର ମାସିକ ଆୟ ୫୦୦୦ ଟଙ୍କାରୁ କମ୍ । ମାତ୍ର ୮ ପ୍ରତିଶତ ପରିବାରଙ୍କ ଆୟ ମାସିକ ୧୦ ହଜାର ବା ତା'ଠାରୁ ଅଧିକ । ପ୍ରାୟ ଦେଶର ୩୦ ପ୍ରତିଶତ ପରିବାର ଭୂମିହୀନ, ୫୧ ପ୍ରତିଶତ ପରିବାର ଦୈନିକ ମଜୁରୀ ଖଟି ନିଜର ଭରଣ ପୋଷଣ କରନ୍ତି । ଏହା ପ୍ରମାଣିତ କରୁଛି ଯେ ଗ୍ରାମୀଣ ଭାରତର ଅବସ୍ଥା ଦଶ ବର୍ଷ ତଳେ ଯେଉଁଠି ଥିଲା, ଆଜି ମଧ୍ୟ ସେଇଠି ଅଛି । ୨୦ ବର୍ଷରୁ ଉର୍ଦ୍ଧ୍ୱକାଳ ନବ୍ୟ ଉଦାରବାଦୀ ଅର୍ଥନୀତି ଅନୁସୃତ ହେଉଥିଲେ ମଧ୍ୟ, ଅର୍ଥନୈତିକ ଦୃଷ୍ଟିକୋଣରୁ କୌଣସି ସକାରାତ୍ମକ ପରିବର୍ତ୍ତନ ହୋଇନାହିଁ ।

ସେଇଭଳି ସାମାଜିକ ସ୍ଥିତି ବିଶେଷ କରି ଶିକ୍ଷା ଓ ସାକ୍ଷରତା ସମ୍ପର୍କରେ ମିଳିଥିବା ତଥ୍ୟ ଆହୁରି ନୈରାଶ୍ୟଜନକ କାରଣ ବର୍ତ୍ତମାନ ଗ୍ରାମାଞ୍ଚଳର ଶିକ୍ଷା ଓ ସାକ୍ଷରତାର ସ୍ଥିତି ଯାହା ; ସେଥିରେ ଭବିଷ୍ୟତ ନେଇ ମଧ୍ୟ ସମ୍ଭାବନା ଦେଖା ଯାଉନାହିଁ । ସ୍ଥିତିରେ ଯଦି ଗୁଣାତ୍ମକ ସକାରାତ୍ମକ ପରିବର୍ତ୍ତନ ଆସେ, ତେବେ ଭବିଷ୍ୟତ ଅଭିବୃଦ୍ଧି ଓ ବିକାଶର ଅନ୍ତର୍ଭୁକ୍ତିକରଣ ଲକ୍ଷ୍ୟ (Inclusive growth) ହାସଲ ସମ୍ଭବ ନୁହେଁ । ଜନଗଣନା ରିପୋର୍ଟ ଅନୁଯାୟୀ, ଭାରତର ଗ୍ରାମାଞ୍ଚଳରେ ବସବାସ କରୁଥିବା ୮୮୪ ନିୟୁତ ଜନସଂଖ୍ୟାରୁ ୩୪ ପ୍ରତିଶତ ନିରକ୍ଷର । ଜାତୀୟ ସ୍ତରରେ ଗ୍ରାମୀଣ ସାକ୍ଷରତା ହାରମାତ୍ର ୬୪ ପ୍ରତିଶତ ଥିଲାବେଳେ, ବି.ଜେ.ପି. ଶାସିତ ରାଜସ୍ଥାନ ଭଳି କେତେକ ରାଜ୍ୟରେ ସ୍ଥିତି ଅଧିକ ଶୋଚନୀୟ । ରାଜସ୍ଥାନର ଗ୍ରାମାଞ୍ଚଳରେ ସାକ୍ଷରତା ହାର ମାତ୍ର ୫୨.୪ ପ୍ରତିଶତ ଅର୍ଥାତ୍ ଗ୍ରାମୀଣ ରାଜସ୍ଥାନରେ ୪୭.୬ ପ୍ରତିଶତ ଲୋକ ଲେଖାପଢ଼ା ଜାଣନ୍ତି ନାହିଁ । ଆହୁରି ଚିନ୍ତାର ବିଷୟ ହେଲା ଏହି ସାକ୍ଷର ମାନଙ୍କ ମଧ୍ୟରୁ ଏକ ପଞ୍ଚମାଂଶ ପ୍ରାଥମିକ ଶିକ୍ଷା ସୁଦ୍ଧା ସମାପ୍ତ କରିନାହାନ୍ତି । ଗ୍ରାମାଞ୍ଚଳରେ କେବଳ ମାତ୍ର ୫.୪ ପ୍ରତିଶତ ଲୋକ ହାଇସ୍କୁଲ ଶିକ୍ଷା ସମାପ୍ତ କରିଛନ୍ତି । ଦେଶର ମାତ୍ର ୩.୪ ପ୍ରତିଶତ ଲୋକ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଛନ୍ତି । ଏହି ସ୍ତର ନିଶ୍ଚିତ ଭାବେ ଦେଶରେ କୁଶଳୀ ଶ୍ରମିକ ସୃଷ୍ଟି ଲକ୍ଷ୍ୟ ପାଇଁ ଅନୁକୂଳ ନୁହେଁ । କୃଷି ଓ ଆନୁସଙ୍ଗିକ ଶିଳ୍ପ ବାହାରେ ଦେଶରେ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ କୁଶଳୀ ଶ୍ରମିକଙ୍କ ଆବଶ୍ୟକତା ଥିବା ବେଳେ ଶିକ୍ଷାର ଅଭାବ ଯୋଗୁଁ ଗ୍ରାମାଞ୍ଚଳର ଯୁବକ ଯୁବତୀ ସେଇ ଆବଶ୍ୟକତା ପୂରଣ କରିବାକୁ ଅସମର୍ଥ । ଏହାର ଅର୍ଥ ଗ୍ରାମାଞ୍ଚଳ ଯୁବକ ଓ ଯୁବତୀମାନେ ଅଧିକ ରୋଜଗାରକ୍ଷମ କ୍ଷେତ୍ରରେ ନିଯୁକ୍ତି ନ ପାଇ କମ୍ ଆୟକ୍ଷମ ପାରମ୍ପରିକ କ୍ଷେତ୍ରରେ ନିଯୁକ୍ତିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ହେଉଛନ୍ତି । ଯାହା ଦେଶର ଭବିଷ୍ୟତ ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ । N.S.S.O. ର ସର୍ଭେ ଅନୁସାରେ ୫ରୁ ୨୯ ବର୍ଷ ବୟସ ଗୋଷ୍ଠୀର ଗ୍ରାମାଞ୍ଚଳରେ ଯୁବକ ଯୁବତୀ ୧୧ ପ୍ରତିଶତ ଏବଂ ସହରାଞ୍ଚଳରେ ୬ ପ୍ରତିଶତ ଆଦୌ ସ୍କୁଲ ମାଟି ମାଡ଼ିନାହାନ୍ତି । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଯଥାକ୍ରମେ ୩୩ ଏବଂ ୩୮ ପ୍ରତିଶତ ଅଧାରୁ ପାଠ ଛାଡ଼ିଛନ୍ତି । ଶିକ୍ଷା ବିନା ମାନବ ସମ୍ବଳର ଉପଯୁକ୍ତ ଉପଯୋଗ ଦ୍ୱାରା ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧିର ଲକ୍ଷ୍ୟ ହାସଲ ଅସମ୍ଭବ । ବିକାଶର ଅନ୍ତର୍ଭୁକ୍ତି କରଣ ମଧ୍ୟ ଅସମ୍ଭବ ।

ସେଇଭଳି ଭାରତର ଜନସଂଖ୍ୟା ୧୨୭ କୋଟି ୪୨ ଲକ୍ଷ ୩୯ ହଜାର ୭୬୯ରେ ପହଞ୍ଚିଛି ଯାହାକି ସମଗ୍ର ବିଶ୍ୱର ଜନସଂଖ୍ୟାର ୧୭.୨୫ ପ୍ରତିଶତ । ଏହି ଗଣନାରୁ ଜଣାପଡ଼ିଛି ଯେ ଭାରତରେ ଜନସଂଖ୍ୟା ୧.୬ ପ୍ରତିଶତ ହାରରେ ବଢ଼ୁଛି ଏବଂ ଯଦି ଏଥିରେ ବିରାମ ନ ଲାଗେ ତେବେ ୨୦୫୦ମସିହା ବେଳକୁ ଭାରତ ଜନସଂଖ୍ୟାରେ ଚିନ୍‌କୁ ଟପିଯିବ, ପାଖାପାଖି, ୧୬୩ କୋଟି ହେବ । ଚାଇନାର ଜନସଂଖ୍ୟା ଏବେ ୧୩୯ କୋଟି ଥିବାବେଳେ ଏଠାରେ ଜନସଂଖ୍ୟା ବୃଦ୍ଧିର ହାର ଭାରତଠାରୁ ବହୁ ମନ୍ଥର ରହିଛି ।

ସୁତରାଂ ଏତେ ଜନସଂଖ୍ୟା ବିଶିଷ୍ଟ ଦେଶରେ ଯେଉଁ ଜାତୀୟ ଅଭିବୃଦ୍ଧି ଘଟିଛି ତାହାର ସୁଫଳ କେବଳ ମୁଷ୍ଟିମେୟ ଧନୀକ ପୁଞ୍ଜିପତି ଶ୍ରେଣୀକୁ ଯାଇଛି । ଭାରତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭାଷାରେ ୨୦୨୦ ମସିହା ସୁଦ୍ଧା ଏକ ଅର୍ଥନୈତିକ ଶକ୍ତି ହୋଇ ଉଭା ହୋଇପାରେ ମାତ୍ର ବାସ୍ତବତା ହେଉଛି ଯେ ସାଧାରଣ ଭାରତୀୟ ଯେଉଁ ଗରୀବକୁ ସେଇ ଗରୀବ ହୋଇ ରହିବେ । ନବ୍ୟ ଉଦାରବାଦୀ ଅର୍ଥନୀତିକୁ ବଦଳାଇ ସମାଜବାଦୀ ଅର୍ଥନୀତି ଆପଣେଇବା ବ୍ୟତିତ ଆଉ ବିକଳ୍ପ ନାହିଁ ।

୧୨ ପୃଷ୍ଠାର ଅବଶିଷ୍ଟାଂଶ :

ଯାଉଛି । ତେଣୁ ଏହାକୁ ଯଦି ତୀବ୍ର ପ୍ରତିରୋଧ ନକରାଯାଏ, ତେବେ ସାଧାରଣ ଜନ ଜୀବନର ଶୋଚନୀୟ ଅବସ୍ଥା ଆକଳନ କରିବା ଅତ୍ୟନ୍ତ କଠିନ ହୋଇଯିବ । ଏହି ପରିପ୍ରେକ୍ଷୀରେ ଗତ ମଇ ୨୬ ତାରିଖରେ ନୂଆଦିଲ୍ଲୀସ୍ଥିତ ମାଲଭଙ୍କର ହଲରେ ୧୧ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କର ମିଳିତ ଆହ୍ୱାନରେ ଏକ ଜାତୀୟ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, ଜନ ବିରୋଧୀ ଓ କର୍ପୋରେଟ୍ ସ୍ୱାର୍ଥ ସପକ୍ଷବାଦୀ ନୀତି ପ୍ରଚଳନ ପ୍ରତିବାଦରେ, ଚଳିତ ବର୍ଷ ସେପ୍ଟେମ୍ବର ୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦିଆଯାଇଛି । ଧର୍ମଘଟର ଏହି ନିଷ୍ପତ୍ତିକୁ ବ୍ୟାଙ୍କ୍, ବୀମା, ପ୍ରତିରକ୍ଷା ରେଳ ସମେତ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରୀ କର୍ମଚାରୀ ଓ ଇଉନିୟନ ଫେଡ଼େରେସନ୍ ପୂର୍ଣ୍ଣ ସମର୍ଥନ ଜଣାଇବା ସହିତ ଏଥିରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବାର ଘୋଷଣା ମଧ୍ୟ କରିଛନ୍ତି । ଭବିଷ୍ୟତରେ ଆମ ଶିଳ୍ପର ସୁରକ୍ଷା ପାଇଁ ହେବାକୁ ଥିବା ବୃହତ୍ତର ଲଢ଼େଇର ଭିତ୍ତିଭୂମି ହେବ ଏହି ଧର୍ମଘଟ । ଏହି କ୍ରମରେ ଆମର ସର୍ବଭାରତୀୟ ସାଙ୍ଗଠନ AIIEAର ସଠିକ୍ ନିଷ୍ପତ୍ତି ଅନୁଯାୟୀ, ପ୍ରତ୍ୟେକ ସାଥୀ ଏହି ଧର୍ମଘଟରେ ସାମିଲ ହୋଇ ଏହାକୁ ଶତ ପ୍ରତିଶତ ସଫଳ କରିବା ପାଇଁ ବିନମ୍ର ନିବେଦନ ।

❖❖❖



# ସେପ୍ଟେମ୍ବର-୨ ସାଧାରଣ ଧର୍ମଘଟକୁ ଶତପ୍ରତିଶତ ସଫଳ କରନ୍ତୁ

**ରଞ୍ଜିତ୍ ରାଉତ, ସହ ସମ୍ପାଦକ, CDIEA**

ମଜୁରୀ ସଂଶୋଧନ ଦାବୀ ସମ୍ପର୍କିତ ଗତ ଜୁନ ୧୭ ଓ ୨୪ ତାରିଖରେ ମଧ୍ୟାହ୍ନ ବିରତି ବିକ୍ଷୋଭ ଓ ପ୍ରସ୍ତାବିତ ଦିନିକିଆ ଧର୍ମଘଟ ସମ୍ପର୍କରେ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ଗୋଇନ୍ଦା ବିଭାଗର ସ୍ଥାନୀୟ ଅଧିକାରୀ ଫୋନ୍ ମାଧ୍ୟମରେ ମୋ (ଯେହେତୁ ମୁଁ ଶାଖା ନେତୃତ୍ୱରେ ରହିଛି) ଠାରୁ ସବିଶେଷ ତଥ୍ୟ ଜାଣିବାକୁ ଚାହିଁଲେ ଯଥା ଏହା କାହିଁକି ହେଉଛି, କେତେବେଳେ ହେବ, କେତେଜଣ ଯୋଗ ଦେବେ, ଦାବୀ କ'ଣ ଇତ୍ୟାଦି ଇତ୍ୟାଦି । ଏହା ପୂର୍ବରୁ ବୀମା ଶିଳ୍ପରେ ବିଦେଶୀ ପୁଞ୍ଜି ନିବେଶ ସୀମା ବୃଦ୍ଧି ସପକ୍ଷରେ ଗୃହୀତ ଆଇନକୁ ବିରୋଧ କରି, ପାଳିତ ଦିନିକିଆ ଧର୍ମଘଟ ସମୟରେ ମଧ୍ୟ, ସମ୍ପୃକ୍ତ ଅଧିକାରୀଗଣ ସଙ୍ଗଠନର ସାର୍କୁଲାର ଆମଠାରୁ ସଂଗ୍ରହ କରିବା ସହିତ ଧର୍ମଘଟ ସମୟର ଫୋଟ ଉଠାଇ ନେଇଥିଲେ । ହୁଏତ ଆମର ଆଉ କେତେକ ଶାଖା ନେତୃତ୍ୱ ମାନଙ୍କର ମଧ୍ୟ ସେହିଭଳି ଅନୁଭୂତି ଥାଇପାରେ । ମୋର ଏଲ୍.ଆଇ.ସି.ରେ [ତଥା CDIEA (AIIEA)] ଯୋଗ ଦେବାର ପ୍ରାୟ ୨୫ ବର୍ଷ ହେଲାଣି ଓ ସେଥି ମଧ୍ୟରୁ ପ୍ରାୟ ୨୦ ବର୍ଷ ଧରି ବେସ୍ ୟୁନିଟ୍ ନେତୃତ୍ୱରେ ରହି ଆସିଛି । ଏହି ଦୀର୍ଘ ସମୟ ମଧ୍ୟରେ ବିଭିନ୍ନ ଦାବୀ ହାସଲ ଅଥବା ସରକାରଙ୍କ ଜନ ପ୍ରତିକୂଳ/ବିପକ୍ଷବାଦୀ ନୀତି ବିରୁଦ୍ଧରେ ଆମେ ଧାରଣା, ବିକ୍ଷୋଭ, ଧର୍ମଘଟ ପରି ଅନେକ ଆନ୍ଦୋଳନାତ୍ମକ କାର୍ଯ୍ୟରେ ସାମିଲ ହୋଇଛୁ । ଆମେ କେବଳ ଶୁଣିଥିଲୁ ଯେ କୌଣସି ଆନ୍ଦୋଳନାତ୍ମକ କାର୍ଯ୍ୟ ସମୟରେ, ସରକାରୀ ଗୋଇନ୍ଦା ବିଭାଗର ନଜରରେ ଆମର ନେତୃତ୍ୱମାନେ ରହିଥାନ୍ତି । କିନ୍ତୁ ଏହି ଦୀର୍ଘ ବର୍ଷ ମଧ୍ୟରେ ତୃଣମୂଳ ସ୍ତରର ଆମ ପରି ସାଧାରଣ କର୍ମୀମାନଙ୍କୁ କଦାଚିତ୍ କୌଣସି ଗୋଇନ୍ଦା ଅଧିକାରୀ ଏଭଳି ପ୍ରଶ୍ନ କରି ନ ଥିଲେ, ଯେଭଳି ଭାବରେ ସଂଖ୍ୟା ଗରିଷ୍ଠତାର ଆଧାରରେ ମୋଦୀଙ୍କ ନେତୃତ୍ୱରେ, କେନ୍ଦ୍ରରେ ଗୋଟିଏ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ସରକାରଙ୍କ ସମୟରେ ହେଉଛି ଏକଥା ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି, ଏହି ସରକାର ଜାଣିବାକୁ ଚାହୁଁଛି ଯେ, ତା'ର ନୀତିକୁ ତୃଣମୂଳ ସ୍ତରରେ କିଭଳି ବିରୋଧ କରାଯାଉଛି - ଶ୍ରମିକ ସଙ୍ଗଠନର ଶକ୍ତିକୁ ପରଖିବାକୁ ଚେଷ୍ଟାକରୁଛି । ସାଙ୍ଗଠନିକ ଆଲୋଚନା ଯଦି ଆମ ଶିଳ୍ପ ମଧ୍ୟରେ ସୀମୀତ ରହେ, ତେବେ ଶାସକ ଦଳ ଅବା ବିରୋଧୀ ଆସନରେ ଥିବା ବେଳେ ପ୍ରତ୍ୟେକ ସର୍ବଭାରତୀୟ ରାଜନୈତିକ ଦଳ AIIEAର ଶକ୍ତି ସମ୍ବନ୍ଧରେ ଭଲଭାବରେ ଅବଗତ । ସେ ଯାହା ହେଉ ସାରା ଦେଶରେ ସଙ୍ଗଠିତ ଅଥବା ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଶ୍ରମିକ ସଙ୍ଗଠନ, କେନ୍ଦ୍ରରେ ଅଧିଷ୍ଠିତ ଯେକୌଣସି ସରକାରଙ୍କ ଜନବିରୋଧୀ, ରାଷ୍ଟ୍ରବିରୋଧୀ ଓ ବିଶେଷ କରି ଶ୍ରମିକ ସ୍ୱାର୍ଥ ବିରୋଧୀ ନୀତି ବିରୁଦ୍ଧରେ ଅତନ୍ଦ୍ର ପ୍ରହରୀ ସାଜି ନିରନ୍ତର ଲଢ଼େଇ କରି ଆସିଛନ୍ତି । ଭାରତ ବର୍ଷର ଶ୍ରମିକ ସଙ୍ଗଠନ ଓ ସମସ୍ତ ନୀତି ବିରୁଦ୍ଧରେ ଢାଲ ସଦୃଶ କାର୍ଯ୍ୟ କରିଥାନ୍ତି । ତେଣୁ, ଆଜି ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମେକ-ଇନ୍-ଇଣ୍ଡିଆ ପ୍ରକଳ୍ପ ମାଧ୍ୟମରେ ବିଦେଶୀ ପୁଞ୍ଜିପତିମାନଙ୍କୁ ଆମନ୍ତ୍ରଣ ଜଣାଉଛନ୍ତି, ସେତେବେଳେ ଭାରତର ପ୍ରଚଳିତ ଶ୍ରମ ଆଇନ ବ୍ୟବସ୍ଥା ତାଙ୍କ ପାଇଁ କଂଟା ସଦୃଶ ପ୍ରତୀତ ହେଉଛି । ନିଜର ସ୍ୱପ୍ନର ଇଣ୍ଡିଆକୁ ବାସ୍ତବତାର ରୂପ ଦେବା ପାଇଁ 'ଶ୍ରମେବ ଜୟତେ' ନାରା ଦେଇ, ନବ୍ୟ-ଉଦାରବାଦୀ ଯଜ୍ଞ କୁଣ୍ଡରେ, ଭାରତୀୟ ଶ୍ରମ ଆଇନକୁ ପୂର୍ଣ୍ଣାହୁତି ଦେବାର ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛନ୍ତି ମୋଦି ସରକାର । ଶ୍ରମ ଆଇନ ସଂସ୍କାର ଅଧୀନରେ ପ୍ରାୟ ୪୦ଟି କେନ୍ଦ୍ରୀୟ ଏବଂ ୧୫୦ଟି ରାଜ୍ୟ ଶ୍ରମ ଆଇନର ସଂଶୋଧନ ପର୍ବ ଆରମ୍ଭ ହୋଇଛି । ଶ୍ରମ ସମ୍ପର୍କ, ମଜୁରୀ, ସାମାଜିକ ନିରାପତ୍ତା ଇତ୍ୟାଦି ସହିତ ଜଡ଼ିତ ୪୪ଟି ଶ୍ରମ ଆଇନକୁ ପାଞ୍ଚଟି ପ୍ରଶସ୍ତ କୋର୍ଡ଼ରେ ପରିଣତ କରିବା ପାଇଁ ନିଷ୍ପତି ନିଆଯାଇଛି । ଏପରି ହେଲେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଟ୍ରେଡ୍ ୟୁନିଅନ୍ ଆକ୍ଟ, ଇଣ୍ଡଷ୍ଟ୍ରିଆଲ୍ ଆକ୍ଟ (ଶିଳ୍ପ ବିବାଦ ଆଇନ) ଏବଂ ଏମ୍ପ୍ଲଏମେଣ୍ଟ (ଷ୍ଟାଣ୍ଡିଂ ଅର୍ଡ଼ର୍ସ) ଆକ୍ଟ ମୃତ୍ୟୁ ଲଭିବେ ।

ନୂତନ ଶ୍ରମ କୋର୍ଡ଼ କେତେ ବିପଜ୍ଜନକ ? ପ୍ରଚଳିତ ଇଣ୍ଡଷ୍ଟ୍ରିଆଲ୍ ଡିସ୍‌ପ୍ୟୁଟ୍ସ ଆକ୍ଟ ଅନୁଯାୟୀ ଯେଉଁ ଶିଳ୍ପାନୁଷ୍ଠାନ ୧୦୦ ଶ୍ରମିକ ନିଯୁକ୍ତ କରିଥିବେ, ସମ୍ପୃକ୍ତ ମାଲିକ ସରକାରଙ୍କ ପୂର୍ବ ଅନୁମତି ବିନା ଶ୍ରମିକ ଛଟେଇ କରିପାରିବେ । ବର୍ତ୍ତମାନ ଏହି ସଂଖ୍ୟା ୩୦୦କୁ ବୃଦ୍ଧି କରାଯିବ । ଅର୍ଥାତ୍ ଏବେ ନିଯୁକ୍ତିଦାତା ଖୁବ୍ ସହଜରେ ହାୟାର ଆଣ୍ଡ ଫାୟାର ନୀତି ଆପଣେଇପାରିବେ ।

ଏବେକାର ଆଇନ ଅନୁଯାୟୀ ଜରୁରୀକାଳିନ ଆବଶ୍ୟକତା ଉପୁଜିଲେ ଶ୍ରମିକ ସଂଘ ତ୍ୱରିତ ଧର୍ମଘଟର ଡାକରା ଦେଇପାରିବ । କିନ୍ତୁ ପରିବର୍ତ୍ତନ ଆଇନ ଧର୍ମଘଟର ୨ରୁ ୬ ସପ୍ତାହ ପୂର୍ବରୁ ନିଯୁକ୍ତିଦାତାଙ୍କୁ ଏ ସମ୍ପର୍କୀୟ ନୋଟିସ୍ ଦେବାକୁ ବାଧ୍ୟ ଅଟନ୍ତି । ଅନ୍ୟଥା ଧର୍ମଘଟ ଅବୈଧ ଘୋଷିତ ହେବା ସହିତ, ଧର୍ମଘଟକାରୀଙ୍କୁ ୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଓ ଏକ ମାସର ଜେଲ ଦଣ୍ଡର ବ୍ୟବସ୍ଥା ରହିଛି । ଏହା ଶ୍ରମିକମାନଙ୍କ ଦାବୀ ଆଦାୟ କରିବାର ମୌଳିକ ଅଧିକାରକୁ ତ କ୍ଷୁର୍ଣ୍ଣ କରିବ ତତ୍ ସହିତ ସରକାର / ମାଲିକର ଅନ୍ୟାୟ ଅନୀତିକୁ ବିରୋଧ କରିବା ଉପରେ ଅଙ୍କୁଶ ଲଗାଇବ ।

ଆବଶ୍ୟକତା ଦୃଷ୍ଟିରୁ କେତେକ ଶ୍ରମିକ ସଙ୍ଗଠନକୁ ବାହାରୁ ନେତୃତ୍ୱ ପ୍ରଦାନ କରିଥାନ୍ତି । କିନ୍ତୁ ପରିବର୍ତ୍ତିତ ନିୟମ ଅନୁଯାୟୀ, କୌଣସି ଏକ ଶ୍ରମିକ ସଙ୍ଗଠନର ସମସ୍ତ କର୍ମକର୍ତ୍ତା / ତୁଙ୍ଗ ନେତୃତ୍ୱ ସମ୍ପୃକ୍ତ ଶିଳ୍ପାନୁଷ୍ଠାନରେ ନିଯୁକ୍ତ ହେବା ଆବଶ୍ୟକ । ଏକ ଶ୍ରମିକ ସଙ୍ଗଠନ ପାଇଁ ବର୍ତ୍ତମାନ ସର୍ବନିମ୍ନ ସାତ ଜଣ ସଭ୍ୟ ହୋଇଥିବା ବ୍ୟବସ୍ଥା ଥିବା ବେଳେ, ପରିବର୍ତ୍ତିତ ଆଇନ ଅନୁଯାୟୀ ଏହି ସୀମାକୁ ୧୦ ପ୍ରତିଶତ କରାଯାଇଛି । ଅର୍ଥାତ୍ ଏବେ ଶ୍ରମିକ ସଙ୍ଗଠନ ଗଢ଼ି ତୋଳିବା ଅତ୍ୟନ୍ତ କଷ୍ଟକର ହେବ, ଯାହାକି ମାଲିକ ଗୋଷ୍ଠୀ ସ୍ୱାର୍ଥାନୁକୂଳ ସାବିତ ହେବ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ମୋଦୀ ସରକାରଙ୍କ ଏକମାତ୍ର ଏଜେଣ୍ଡା ହେଉଛି, ନବ୍ୟଉଦାରବାଦୀ ଅର୍ଥନୀତିକୁ ଲଗାମହୀନ ଘୋଡ଼ା ପରି ଦୌଡ଼ାଇବା ।

ସମ୍ପ୍ରତି ସରକାର ବୀମା, ପ୍ରତିରକ୍ଷା, ରେଳ ପରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ ଉଦ୍ଦେଶ୍ୟରେ ଉନ୍ମୁକ୍ତ କରିଦେଇଛନ୍ତି । ସାଧାରଣ ଜନତା ତଥା ଦେଶବାସୀଙ୍କ ସ୍ୱାର୍ଥ ସମ୍ବନ୍ଧିତ ଅନେକ ସ୍ପର୍ଶକାତର ଆଇନ୍‌ଗୁଡ଼ିକ ସଂସଦ ମଧ୍ୟରେ ଆଲୋଚନା ପରିସରଭୁକ୍ତ ନ କରି, ଅର୍ଡ଼ିନାନ୍ସ ଜରିଆରେ ଆଇନ ପରିବର୍ତ୍ତନର ବାଟ ତିଆରି କରୁଛନ୍ତି । ପ୍ରବଳ ବିରୋଧ ସତ୍ତ୍ୱେ, ପୂର୍ବର ଉପା ସରକାର ସମୟରେ ପରିବର୍ତ୍ତିତ ଜମି ଅଧିଗ୍ରହଣ ଆଇନ-୨୦୧୩କୁ ପୁନଃ ପରିବର୍ତ୍ତନ ପାଇଁ ଏବର ସରକାର, ଦୁଇ ଦୁଇ ଥର ଅର୍ଡ଼ିନାନ୍ସ ଜାରି କରିଛନ୍ତି । ଏହି ଆଇନ କେତେ ଭୟାବହ ଓ ସାଧାରଣ ଜନତାଙ୍କୁ କେଉଁଭଳି ଅନ୍ଧାରୀମୂଳକକୁ ନେଇଯିବ, ସେ ସମ୍ପର୍କରେ ବିଶଦ ଆଲୋଚନା ହୋଇ ଉଦ୍‌ବେଗ ପ୍ରକାଶ ପାଇଥିଲେ ମଧ୍ୟ, କେବଳ ମାତ୍ର ସାମ୍ରାଜ୍ୟବାଦୀ ଆମେରିକାର ବଶମ୍ବଦ ସାଜିବା ପାଇଁ ମୋଦୀ ସରକାର, ଦେଶର ଚାଷୀ, କ୍ଷେତ ମୂଲିଆ ତଥା ସମସ୍ତ ଦେଶବାସୀଙ୍କ ସ୍ୱାର୍ଥକୁ ଗୋଇଠା ମାରି ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ ନିଜର ସମସ୍ତ ଶକ୍ତି ଲଗାଇଦେଇଛନ୍ତି ।

ସଂକ୍ଷେପରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଚଳିତ ସରକାର ସମୟରେ ଆମ ଦେଶ କ୍ରମଶଃ ଫାସିବାଦର ଅଳିନ୍ଦ ମଧ୍ୟକୁ ପ୍ରବେଶ କରିବାକୁ

**ଅବଶିଷ୍ଟାଂଶ ୧୧ ପୃଷ୍ଠାରେ**

*Printed & Published by **Golak Bihari Maharaj**, C/o. - LICI , D.O. , Cuttack - 1 for Bima Karmachari at Bani Press , Cuttack - 8 , Editor - **Santosh Kumar Mohapatra, Mob. : 9437208762, E-mail :skmohapatra67@gmail.com***